ଧରିତ୍ରୀ
DHARITRI
February 9-15 2020 ₹2/-

# ଛୁଟିଦିନ

# ଦୁହେଁ ଦୁହିଁଙ୍କ ପାଇଁ





୩
ପ୍ରଚ୍ଛଦ ପ୍ରସଙ୍ଗ

ଦୁଇଜଣଙ୍କର ମନ ମିଶିଗଲେ ପ୍ରେମର ମଳୟ ପବନ ବହିବା ଆରମ୍ଭ କରେ। ଆଉ ସେହି ପ୍ରେମ ଦିନେ ବିବାହର ରୂପ ନେଇ ଦୁଇଟି ଜୀବନକୁ ଗୋଟିଏ ରଜ୍ଜୁରେ ବାନ୍ଧିରଖେ। ସେଠି ପ୍ରତିବନ୍ଧକ ସାଜେନା ଶାରୀରିକ ଅକ୍ଷମତା....



୮/୯
ସିନେମା

୧୩
ସହରଠୁ ଦୂର

# ଘର ପାଇଁ ଅଶୁଭ



✲ ବାସ୍ତୁଶାସ୍ତ୍ର ଅନୁଯାୟୀ ରୋଷେଇ ଘରେ କଦାପି କ୍ଷୀରକୁ ଖୋଲା ରଖନ୍ତୁ ନାହିଁ। ଏହା ଦ୍ୱାରା ଘରେ ସର୍ବଦା ଆର୍ଥିକ ସମସ୍ୟା ଲାଗି ରହିଥାଏ। ତେଣୁ କ୍ଷୀରକୁ ସବୁବେଳେ ଘୋଡେଇ ରଖନ୍ତୁ।

✲ ଘରେ କଦାପି କ୍ୟାକ୍ଟସ୍ ବା କଣ୍ଟା ଜାତୀୟ ଗଛ ରଖନ୍ତୁ ନାହିଁ। ଏହା ଦ୍ୱାରା ଘରେ ନକାରାତ୍ମକ ଶକ୍ତି ପ୍ରବେଶ କରିଥାଏ ବୋଲି ବିଶ୍ୱାସ ରହିଛି।

✲ ଘରର ଉତ୍ତର-ପୂର୍ବ କୋଣରେ ଓଜନଦାର ମୂର୍ତ୍ତି ରଖିବା ଉଚିତ ନୁହେଁ।

✲ ଖଟ ତଳେ ଜୋତା ବା ଚପଲ ରଖନ୍ତୁ ନାହିଁ। ଏହା ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ଏବଂ ମାନସିକ ଚାପ ବୃଦ୍ଧି ପାଇଥାଏ। ଜୋତା ବା ଚପଲ ସବୁବେଳେ ଘର ବାହାରେ ରଖନ୍ତୁ।

✲ ଲୁହାର ଆଲମାରୀକୁ କେବେ ବି ଖଟର ପଛ ପଟେ ରଖନ୍ତୁ ନାହିଁ। ଏହା ମଧ୍ୟ ଧ୍ୟାନରେ ରଖନ୍ତୁ ଯେପରି କୌଣସି ଲୁହା ଜିନିଷ ଖଟ ଉପରେ ନ ରୁହେ।

✲ ଘରର ମଧ୍ୟଭାଗରେ ପାଣି ଟାଙ୍କି, ହ୍ୟାଣ୍ଡ ପମ୍ପ ବା ପାଣିର ସ୍ରୋତ ଥିବା କୌଣସି ଜିନିଷ ରଖନ୍ତୁ ନାହିଁ। ଏହା ଆର୍ଥିକ ସ୍ଥିତିରେ ବାଧା ସୃଷ୍ଟି କରିଥାଏ।

✲ ଘରେ କଦାପି ବୁଡି ଯାଉଥିବା ଡଙ୍ଗାର ଚିତ୍ର ରଖନ୍ତୁ ନାହିଁ। ଏହା ପାରିବାରିକ ବିଶୃଙ୍ଖଳା ସୃଷ୍ଟି କରିଥାଏ।

✲ ଦାନ ପାଇଁ ଆଣିଥିବା ଜିନିଷକୁ ବହୁ ସମୟ ଯାଏ ଘରେ ରଖନ୍ତୁ ନାହିଁ, ଏହାକୁ ଯଥା ସମ୍ଭବ ଦାନ କରିଦିଅନ୍ତୁ।

✲ ଭାଙ୍ଗିଯାଇଥିବା ଠାକୁରଙ୍କ ମୂର୍ତ୍ତିକୁ ଘରେ ରଖିବା ଉଚିତ ନୁହେଁ। ଏହାକୁ ଯଥାଶୀଘ୍ର ପାଣିରେ ବିସର୍ଜନ କରିଦିଅନ୍ତୁ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୯-୧୫

**ମେଷ**



କାର୍ଯ୍ୟସିଦ୍ଧି, ଶୁଭ ଖବର, ଯାତ୍ରାରେ କ୍ଷତି, ଆଲୋଚନାରେ ବିଫଳତା, ସନ୍ତାନଙ୍କ ବିଶୃଙ୍ଖଳା, ଶୁଭ କାର୍ଯ୍ୟକରଣୀୟ, ବନ୍ଧୁମିଳନ, ଅର୍ଥ ସମ୍ମାନ ଲାଭ, ନୂତନସମ୍ପର୍କ। ବସ୍ତ୍ର ଲାଭ, ପଡ଼ୋଶୀଙ୍କ ସହାନୁଭୂତି, ସମସ୍ୟା ସମାଧାନ, ନିର୍ମାଣରେ ବାଧା।

**ବୃଷ**



ଅର୍ଥ ସମ୍ପଦ ଲାଭ, ସ୍ୱାସ୍ଥ୍ୟରେ ଉନ୍ନତି, ପ୍ରଶାସନିକ ଦ୍ୱନ୍ଦ୍ୱ, ଯାନବାହନରେ ତ୍ରୁଟି, ଦୂରଯାତ୍ରା, ବ୍ୟବସାୟିକ ସଫଳତା, ଆନୁଷ୍ଠାନିକ ତତ୍ପରତା, ବନ୍ଧୁ ମିଳନ। ପାରିବାରିକ ସହଯୋଗ।

**ମିଥୁନ**



ବନ୍ଧୁଙ୍କ ନିମନ୍ତ୍ରଣ, ମିତ୍ରତା ବୃଦ୍ଧି, ଆର୍ଥିକ ସାହାଯ୍ୟ, ପାରିବାରିକ ସହଯୋଗ, ସହକର୍ମୀଙ୍କ ସହ ମନାନ୍ତର, ଯାତ୍ରାରେ ସଫଳ, ସଦ୍‌ଭାବ, ଆନୁଷ୍ଠାନିକ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି।

**କର୍କଟ**



ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ, ସରକାରୀ ସହାୟତା, ନୂତନ କର୍ମାରମ୍ଭ, ଆପୋସ ମିଳାମିଶା। ସମସ୍ୟାର ସମାଧାନ, ବନ୍ଧୁଙ୍କ ଅସହିଷ୍ଣୁତା, ସମର୍ଥନ ପାଇବେ, ଯାନ୍ତ୍ରିକ ଜିନିଷ କ୍ରୟ, ସନ୍ତାନଙ୍କ କୃତିତ୍ୱ, ଋଣ ପରିଶୋଧ।

**ସିଂହ**



ଅସୁସ୍ଥ ମାନସିକତା, ପଡ଼ୋଶୀଙ୍କ କଟୁକ୍ତି, ଆତ୍ମୀୟଙ୍କ ଅନାଦର, ପ୍ରାଧାନ୍ୟତା ବୃଦ୍ଧି, ସତ୍ୟରୁ କଳହ। ଶୁଭକାର୍ଯ୍ୟ, ଭୋଗ ବିଳାସ, ବଦାନ୍ୟତା, ବାଣିଜ୍ୟରେ ଉନ୍ନତି, ମାମଲାର ସମାଧାନ।

**କନ୍ୟା**



ଅର୍ଥନୈତିକ ଅଭିବୃଦ୍ଧି, ବାଣିଜ୍ୟରେ କ୍ଷତି, ସାମାଜିକ ପ୍ରତିଷ୍ଠା, ପରିବାରରୁ ପ୍ରତିରୋଧ। ପୂର୍ବ ପ୍ରସ୍ତୁତିରେ ବ୍ୟତିକ୍ରମ, ପରିବହନରେ ସମସ୍ୟା, ସଙ୍ଗୀତରୁ ସୁନାମ, ଧର୍ମକାର୍ଯ୍ୟ, ମହାଜନି ଚାପ।

**ତୁଳା**



ବୁଦ୍ଧିଜୀବୀଙ୍କ ପରାମର୍ଶ, ବନ୍ଧୁଙ୍କ ପ୍ରେରଣା, କୂଟନୈତିକ ସଫଳତା। ଭୂସମ୍ପତ୍ତି ବିବାଦ, ଅର୍ଥସଂକଟ, ଏଜେନ୍ସିପ୍‌ରେ ଉନ୍ନତି, ପାରିବାରିକ ସହଯୋଗ, ଉତ୍ତମ ବୁଝାମଣା, ନୂତନ କର୍ମାରମ୍ଭ, ସହକର୍ମୀଙ୍କ ସାହାଯ୍ୟ, ମନୋରଞ୍ଜନ।

**ବିଛା**



ଶୁଭ ଖବର, ନୂତନ ବନ୍ଧୁତ୍ୱ, ଅର୍ଥ ସମ୍ମାନ ଲାଭ, ଉଦ୍ୟମରେ ସଫଳତା, କ୍ଳାନ୍ତିବୋଧ, ଫଳବତୀ ଆଶା, ଦେବାର୍ଚ୍ଚନ। ଦୂରଯାତ୍ରା, ମାଙ୍ଗଳିକ ଉତ୍ସବ, ସାହିତ୍ୟାନୁରାଗ, ସାମ୍ବାଦିକତାରୁ ଗୌରବ, ନୂତନ ନିଯୁକ୍ତି, ବିଦେଶଯାତ୍ରା।

**ଧନୁ**



ନୂତନ ଯୋଜନା, ବନ୍ଧୁବତ୍ସଳତା, କଠିନ ଶ୍ରମ, ସ୍ୱାସ୍ଥ୍ୟହାନି। ସଂଯମତାର ଅଭାବ, ବିବାଦୀୟ ସ୍ଥିତି, ମୂଲ୍ୟହୀନ ଖର୍ଚ୍ଚ, କର୍ମ ତତ୍ପରତା, ଟେନସନ କମିବ, ଶୁଭଖବର, ଭୁଲ୍ ବୁଝାମଣାରୁ ଦ୍ୱନ୍ଦ୍ୱ, ବାଣିଜ୍ୟରେ ଉନ୍ନତି, ଗବେଷଣାରେ ଅଗ୍ରଗତି।

**ମକର**



ଆରୋଗ୍ୟ ଲାଭ, ଶୁଭ କାର୍ଯ୍ୟ ପାଇଁ ପ୍ରସ୍ତୁତି, ପରିସ୍ଥିତି ବଦଳିବ, ଗୃହଭୂମି ଲାଭ, କଚେରି ମାମଲାରେ ଦୁଶ୍ଚିନ୍ତା, ବ୍ୟବସାୟରେ ଉନ୍ନତି, ରିସ୍କପଦକ୍ଷେପ, ବିବାଦର ଅବସାନ। ବନ୍ଧୁବିତର୍କ, ରାଜନୈତିକ ତତ୍ପରତା।

**କୁମ୍ଭ**



ଅତୀତ ଅନୁଚିନ୍ତା, ବନ୍ଧୁ ମିଳନ, ସହକର୍ମୀଙ୍କ ବିରୋଧାଭାଷ, ସୁଖ-ସମୃଦ୍ଧି, ସମସ୍ୟା ବୃଦ୍ଧି, ଅପବ୍ୟୟ, ଖର୍ଚ୍ଚ ବୃଦ୍ଧି, ପଡ଼ୋଶୀଙ୍କ ଆଦର, ସାମାଜିକ ପ୍ରତିଷ୍ଠା, ପାରିବାରିକ ମତାନ୍ତର, ବିଦେଶ ଯାତ୍ରା, ସଫଳ ଆଲୋଚନା, ବିବାଦର ସମାଧାନ।


**ମୀନ**



ଯାତ୍ରାରେ ସଫଳତା, ସଂକଟ ମୁକ୍ତ ହେବେ, ଫାଇଲ୍ କାମ ବୃଦ୍ଧି, ଭ୍ରାତୃ ସମ୍ପର୍କରେ ଉନ୍ନତି, ନିର୍ମାଣରେ ପ୍ରତିବନ୍ଧକ, ପରିବହନରେ ବିବାଦ, ଗୁରୁଜନଙ୍କ ପ୍ରେରଣା। ଧର୍ମକାର୍ଯ୍ୟ, ସଙ୍ଗୀତ ସମାରୋହ, ମିତ୍ରବନ୍ଧୁ ବିରୋଧ, ପ୍ରତି ଯୋଗିତାରେ ସଫଳତା, ନିର୍ମାଣରେ ସମସ୍ୟା।

# ଜଙ୍ଗଲ ବବଲ୍

ବ୍ୟସ୍ତବହୁଳ ଜୀବନରୁ ଟିକିଏ ସମୟ ବାହାର କରି କିଛି ସମୟ ନିରୋଳାରେ କାଟିବା ପାଇଁ ପ୍ରାୟ ସମସ୍ତେ ଚାହିଁଥାନ୍ତି। ପର୍ଯ୍ୟଟକଙ୍କ ଏହି ଚାହିଦାକୁ ଦୃଷ୍ଟିରେ ରଖି ଉତ୍ତର ଥାଇଲାଣ୍ଡର ଚିୟାଙ୍ଗ ସାୟେନ୍‌ଠାରେ ଖୋଲିଛି ଏକ ନିଆରା 'ପୋଡ୍', ଯାହାର ନାଁ ରହିଛି 'ଜଙ୍ଗଲ ବବଲ୍'। ଥାଇଲାଣ୍ଡର ଅନନ୍ତରା ଗୋଲ୍ଡେନ ଟ୍ରାଏଙ୍ଗଲ୍ ଏଲିଫ୍ୟାଣ୍ଟ କ୍ୟାମ୍ପ ଆଣ୍ଡ ରିସୋର୍ଟ ଦ୍ୱାରା ନିର୍ମିତ ହୋଇଥିବା ଏହି 'ପୋଡ୍' ପ୍ରାକୃତିକ ସୌନ୍ଦର୍ଯ୍ୟ ଘେରରେ ଅବସ୍ଥିତ। ଘନ ଜଙ୍ଗଲ ମଧ୍ୟରେ ଥିବା ଏହି ପୋଡ୍‌ଗୁଡିକ ଦେଖିବାକୁ ଟ୍ରାନ୍ସପରେଣ୍ଟ। ତେଣୁ ପର୍ଯ୍ୟଟକମାନେ ଏହା ମଧ୍ୟରେ ବିଶ୍ରାମ ନେଲାବେଳେ ବାହାର ଦୃଶ୍ୟକୁ ବେଶ୍ ମନଭରି ଉପଭୋଗ କରିପାରିବେ। କେବଳ ସେତିକି ନୁହେଁ ଏଠାରେ ରହଣି ସମୟରେ ପର୍ଯ୍ୟଟକମାନେ ହାତୀ ଏବଂ ଅନ୍ୟାନ୍ୟ ଜଙ୍ଗଲ ଜୀବଙ୍କୁ ସେମାନଙ୍କ ପ୍ରାକୃତିକ ଆବାସ ସ୍ଥଳୀରେ ସିଧାସଳଖ ଦେଖିବାର ସୁଯୋଗ ପାଇପାରିବେ। ଏହି ପୋଡ୍ ମଧ୍ୟରେ ନିତ୍ୟ



ବ୍ୟବହାର୍ଯ୍ୟ ସମସ୍ତ ସୁବିଧା ସୁଯୋଗର ବ୍ୟବସ୍ଥା ରହିଛି। ଥାଇଲାଣ୍ଡର ଏହି ସ୍ଥାନ ପୂର୍ବେ ହାତୀ ଶିବିର ପାଇଁ ବେଶ୍ ପ୍ରସିଦ୍ଧ ଥିଲା, ତେବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ଏଭଳି ଏକ ପୋଡ୍ ସ୍ଥାପନ କରାଯାଇଛି।

# ପାଠକୀୟ

■ ବିପଦରେ ପଡ଼ିଥିବା ବ୍ୟକ୍ତିଙ୍କୁ ଦେଖି କେହି ବାଟଭାଙ୍ଗି ଚାଲି ଯାଉଥିବାବେଳେ କେହି ନିଜ ଜୀବନକୁ ବାଜି ଲଗେଇ ତାଙ୍କୁ ମରଣ ମୁହଁରୁ ରକ୍ଷା କରିଥାନ୍ତି। ଏଥିପାଇଁ ସେମାନଙ୍କୁ ଅନେକ ସାବାସୀ ସହ ପୁରସ୍କାର ବି ମିଳିଥାଏ। ଏମିତି କି ଜାତୀୟ ସାହସିକତା ପୁରସ୍କାର ବି ସେମାନେ ପାଇଥାନ୍ତି। ତେବେ ପରବର୍ତ୍ତୀ ସମୟରେ ଏହି ପୁରସ୍କାର ପାଇଥିବା ପିଲାମାନଙ୍କୁ କ'ଣ ସୁଯୋଗ ମିଳିଥାଏ ତାହାକୁ ନେଇ ପ୍ରଚ୍ଛଦ ପ୍ରସଙ୍ଗ 'ପୁରସ୍କାର ପରେ' ଉପସ୍ଥାପନା ହୋଇଥିଲା। ଏହା ଏକ ପ୍ରେରଣାଦାୟୀ ବିଷୟ ଥିଲା। 'ମନକୁ ଶାନ୍ତ ରଖିବାକୁ ହେଲେ' ଏବଂ 'ଫେରୀଟେଲ ଭିଲେଜ୍' ଆଦି ପାଠଗୁଡ଼ିକ ବି ବେଶ୍ ମଜାଦାର୍ ଥିଲା।

*–ସନ୍ତୋଷ ପ୍ରଧାନ, ଛତିଶଗଡ଼*

■ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ପୁରସ୍କାର ପରେ' ଏକ ସମୟୋପଯୋଗୀ ତଥା ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ଯେଉଁଥିପାଇଁ ମୋତେ ଏହା ବହୁତ ଭଲ ଲାଗିଲା। ସେହିପରି 'ପୋଷାକରେ ଦେଶୀଲୁକ୍' ପାଠଟିରୁ ଫ୍ୟାଶନ ସମ୍ପର୍କିତ କିଛି ନୂଆ କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଲୋକପ୍ରିୟ ଅଭିନେତ୍ରୀ କାମିନୀ କୌଶଲଙ୍କ ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣି ଖୁସି ଲାଗିଲା।

*–ସ୍ମିତା ପଟ୍ଟନାୟକ, ନାଉଗାଁ, ଜଗତ୍‌ସିଂହପୁର*

■ ସୃଜନ ପୃଷ୍ଠାରେ ସ୍ଥାନିତ 'ଏକେ ୪୭' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ 'ବରୁଣ-ଶ୍ରଦ୍ଧା'ଙ୍କ ଯୋଡି ଫଟୋଟି ବେଶ୍ ରୋମାଣ୍ଟିକ୍ ଲାଗୁଥିଲା। ଅନ୍ୟପକ୍ଷେ 'ଭାବି ନ ଥିଲେ ସୋନମ୍', 'ମଲ୍ଲାଇକାଙ୍କ ଫ୍ୟାଶନ ଟିପ୍ସ', 'ହୃତିକ ଆଉଟ୍ ଓ ଅକ୍ଷୟ ଇନ୍' ଆଦି ପାଠଗୁଡ଼ିକ ବି ଖୁବ୍ ମଜାଦାର୍ ଥିଲା। ଏସବୁ ବ୍ୟତୀତ ପ୍ରଥମ ରୋଜଗାର ସ୍ତମ୍ଭଟି ବି ଅନେକ ନୂଆକଥା ଶିଖାଇଲା।

*–ବିସ୍ମୟାନନ୍ଦ ଜେନା, ରଣପୁର, ନୟାଗଡ଼*

■ ସାଥୀର ଉତ୍ତରଗୁଡ଼ିକ ବେଶ୍ ମନଲାଖି ହୋଇପାରୁଛି। ସେହିପରି 'ଚିନ୍ମୟ ଚିନ୍ତନ' ଆଲେଖ୍ୟରୁ ଅନେକ ନୀତିଶିକ୍ଷା ଶିଖି ହେଉଛି। ତା'ସହିତ 'ଘଣ୍ଟା ବଦଳାଇବ ଭାଗ୍ୟ' ପାଠଟିରୁ ନୂଆ ନୂଆ କଥା ଜାଣିବାକୁ ମିଳିବାରୁ ଖୁସି ଲାଗୁଛି। ମଡେଲ୍ ମିରର୍‌ରେ 'ପ୍ରିୟା' ଭାରି ସୁନ୍ଦରୀ ଲାଗୁଛନ୍ତି। ହାଃ ହାଃ ମଧ୍ୟ ମଜାଳିଆ ହୋଇପାରୁଛି।

*–ରାଘବାନନ୍ଦ ସେଠୀ, ବରମୁଣ୍ଡା, ଭୁବନେଶ୍ୱର*

■ ବିବିଧା ପୃଷ୍ଠାରେ ସ୍ଥାନିତ '୯୦ ବର୍ଷ ବୟସରେ ନୂଆ ଆରମ୍ଭ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ରେକର୍ଡ କଲା ହୀରାର ପଦ୍ମଫୁଲ ପରି ମୁଦି', 'ସବୁଠୁ ଲମ୍ବା ପେଣ୍ଟିଂ' ଓ 'ପିଲାଦିନ ମନେ ପକାଇ ଦେବ ଏହି ମୂର୍ତ୍ତି' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ସେହିପରି ଯାତ୍ରା ପୃଷ୍ଠାରୁ ଅଭିନେତା ସାଇ ସୁରଜଙ୍କ ସମ୍ପର୍କରେ ବି ବହୁତ ଅଜଣା କଥା ଜାଣି ଖୁସି ଲାଗିଲା।

*–ରାକେଶ ଦାଶ, ଢେଙ୍କାନାଳ*

## ବିଶେଷ ଚିଠି



ଧରିତ୍ରୀ ଛୁଟିଦିନ
ଏକ ସୁନ୍ଦର ପତ୍ରିକା,
ଗୁଗୁଲ୍ ଯୋଗେ ମିଳୁଛି ସବୁଠି
ପାଠକ ଆଉ ମଣୁନି ଏକା ଏକା।
'ସୃଜନ' ଗଳ୍ପ କବିତା ଭରା
'ସାଥୀ'ର ଉତ୍ତର ନିଆରା,
ଭୁଲି ହେବନି 'ଛୁଟିଦିନ' ଖବର
ପୁନଶ୍ଚ ପ୍ରତୀକ୍ଷା ରବିବାର।

*–ଗୋବିନ୍ଦ ଚନ୍ଦ୍ର ହାଁସଦା, ବଡ଼ନାଲୁଆ, ବିଶୋଇ, ମୟୂରଭଞ୍ଜ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଦୁହେଁ ଦୁହିଁଙ୍କ ପାଇଁ



ବିନୋଦ-ଲକ୍ଷ୍ମୀ



ସୁକାନ୍ତି-ଶରତ

**ଦୁଇଜଣଙ୍କର ମନ ମିଶିଗଲେ ପ୍ରେମର ମଳୟ ପବନ ବହିବା ଆରମ୍ଭ କରେ। ଆଉ ସେହି ପ୍ରେମ ଦିନେ ବିବାହର ରୂପ ନେଇ ଦୁଇଟି ଜୀବନକୁ ଗୋଟିଏ ରଜ୍ଜୁରେ ବାନ୍ଧିରଖେ। ସେଠି ପ୍ରତିବନ୍ଧକ ସାଜେନା ଶାରୀରିକ ଅକ୍ଷମତା....**

ପ୍ରେମ ଶାଶ୍ୱତ ଓ ସୁନ୍ଦର। ଏହା ଦେଖେନା ଜାତି, ଅଜାତି କି ସୁନ୍ଦର ରୂପରଙ୍ଗ। ଖାଲି ଜଣଙ୍କର ମନ ସହ ଆଉ ଜଣଙ୍କର ମନ ମିଶିଗଲେ ପ୍ରେମର ମଳୟ ପବନ ବହିବା ଆରମ୍ଭ କରେ। ଏଇ ଯେମିତି ଏଠାରେ ଉଲ୍ଲେଖ ହୋଇଥିବା ଦମ୍ପତିମାନଙ୍କ କ୍ଷେତ୍ରରେ ଘଟିଛି। ଭାଗ୍ୟର ବିଡମ୍ବନାରୁ ସେମାନେ ଶାରୀରିକ ଭାବେ ସମ୍ପୂର୍ଣ୍ଣ ସକ୍ଷମ ନ ହୋଇ ବି ସୁଖୀ ଦାମ୍ପତ୍ୟ ଜୀବନ ଜିଉଛନ୍ତି। କାରଣ ସେମାନଙ୍କ ପାଖେ ଅଛି ଗୋଟିଏ ସୁନ୍ଦର ହୃଦୟ। ଆଉ ସେହି ହୃଦୟରେ ଏତେ ଭଲ ପାଇବା ଭରି ରହିଛି ଯେ, ଯାହା ସେମାନଙ୍କର ଆତ୍ମବିଶ୍ୱାସକୁ ବୃଦ୍ଧି କରିବା ସହ ବିପଦକୁ ସାମ୍ନା କରିବାକୁ ସାହସ ଯୋଗାଇ ପାରୁଛି...

**ଭଗବାନଙ୍କ ଆଶୀର୍ବାଦ ହିଁ ଶରତ ଓ ସୁକାନ୍ତିଙ୍କୁ ଖୁସି ଆଣିଦେଇଛି:** କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ମଧୁପୁର ଗାଁର ବାସିନ୍ଦା ହେଲେ ଶରତ ଦାସ। ବୟସ ତାଙ୍କୁ ୫୦ ପାଖାପାଖି। ତାଙ୍କୁ ଯେତେବେଳେ ମାତ୍ର ୧ ବର୍ଷ ହୋଇଥିଲା, ତାଙ୍କ ବାମଗୋଡ଼ଟି ପୋଲିଓ ଆକ୍ରାନ୍ତ ହୋଇ ଜଙ୍ଘ ପାଖରୁ ପାଦ ପର୍ଯ୍ୟନ୍ତ ସରୁ ହୋଇଗଲା। ସଳଖ ହୋଇ ଚାଲିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା। ତେଣୁ ସେବେଠାରୁ ସେ ଛୋଟେଇ ଛୋଟେଇ ଚାଲୁଥିଲେ। ଅବଶ୍ୟ ସେତେବେଳେ ସେ ଆଶାବାଡି ବ୍ୟବହାର କରୁ ନ ଥିଲେ। ହେଲେ ଗତ ୬ ବର୍ଷ ହେବ ଶାରୀରିକ ଦୁର୍ବଳତା ଯୋଗୁ ସେ ଚାଲିବା ପାଇଁ ଆଶାବାଡିର ସାହାଯ୍ୟ ନେଉଛନ୍ତି। ତିନିଭାଇ ଭିତରେ ଶରତ ଥିଲେ ସବା ସାନ। ମାଟ୍ରିକ୍ ପର୍ଯ୍ୟନ୍ତ ପଢ଼ିବା ପରେ ପିଲାଙ୍କୁ ଟ୍ୟୁଶନ କରିବା ଆରମ୍ଭ କରିଥିଲେ। ତାଙ୍କ ବାପା ଥିଲେ ଜଣେ ଚାଷୀ। ଦୁଃଖକଷ୍ଟରେ ତାଙ୍କ ପରିବାରର ଚକ ଆଗକୁ ଗଡି ଚାଲିଥିଲା। ଶରତଙ୍କ ବଡ଼ ଦୁଇ ଭାଇ ରୋଜଗାର କରି ସହରରେ ତାଙ୍କ ସାଂସାରିକ ଜୀବନ ବିତାଇବାକୁ ଲାଗିଲେ। ଘରେ ବୃଦ୍ଧ ବାପାମା'ଙ୍କର ଦେଖାଚାହାଁ ସାଙ୍ଗକୁ, ଘରକଥା ବୁଝିବାକୁ କେହି ନ ଥିଲେ। ତେଣୁ ଶରତଙ୍କ ପାଇଁ କନିଆ ଖୋଜା ଅଭିଯାନ ଆରମ୍ଭ ହେଲା। ଶରତ ନିଜ ଶାରୀରିକ ସମସ୍ୟାକୁ ଦେଖି ବିବାହ କରିବାକୁ ମନା କରୁଥିଲେ। ହେଲେ ପରିବାରରେ ବାଧ୍ୟ କରିବାରୁ ସେ ରାଜି ହୋଇଥିଲେ। ଆଉ ରାଜନଗର ବ୍ଲକ ଅନ୍ତର୍ଗତ ଘଡିଆମାଳ ଗାଁର ଝିଅ ସୁକାନ୍ତିଙ୍କୁ ୧୯୯୫ ମସିହାରେ ସେ ବିବାହ କରିଥିଲେ। ସୁକାନ୍ତିଙ୍କୁ ମଧ୍ୟ ଯେତେବେଳେ ମାତ୍ର ୩/୪ ବର୍ଷ ବୟସ ହୋଇଥିଲା, ସେ ଶୋଇଥିବା ଅବସ୍ଥାରେ ଘରେ ନିଆଁ ଲାଗିଯିବାରୁ ତାଙ୍କର ଡାହାଣ ଗୋଡର ପାଦଟି ସମ୍ପୂର୍ଣ୍ଣ ପୋଡି ହୋଇ ଯାଇଥିଲା। ତେଣୁ ସେବେଠାରୁ ସୁକାନ୍ତି ବହୁ କଷ୍ଟରେ ଡାହାଣ ଗୋଡର ଗୋଇଠିକୁ ଭରା ଦେଇ ଛୋଟେଇ ଛୋଟେଇ ଚାଲି ଆସୁଛନ୍ତି। ଚଲାବୁଲା କରିବାରେ ତାଙ୍କୁ ସିନା ଟିକେ କଷ୍ଟ ହୋଇଥାଏ, ହେଲେ ସୁଗୃହିଣୀ ଭାବେ ଘର ସମ୍ଭାଳିରେ ସେ ସିଦ୍ଧହସ୍ତା। ଏବେ ଶରତ ଓ ସୁକାନ୍ତିଙ୍କର ଦାମ୍ପତ୍ୟ ଜୀବନ ବେଶ୍ ହସଖୁସିରେ ଚାଲିଛି। ତାଙ୍କର ୨୪ ବର୍ଷର ପୁଅ ସରୋଜ ଏମ୍.ଏ. ପାସ୍ କରି କଳାହାଣ୍ଡିର ଏକ ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିବାବେଳେ ୧୯ ବର୍ଷର ଝିଅ ଶୁଭସ୍ମିତା ବି.ଏ. ପାସ୍ କରି ଅଙ୍ଗନୱାଡିର ଜଣେ ୱାର୍କର ଭାବେ କାମ କରୁଛନ୍ତି। ତେବେ ଶରତ ବିବାହ କରିବା ପରେ ପରିବାର ଚଳାଇବା ପାଇଁ କିଛିଦିନ ଟ୍ୟୁଶନ କରୁଥିଲେ। ତା'ପରେ ଗାଁରେ ଏକ ତେଜରାତି ଦୋକାନ କଲେ। ହେଲେ ତାହା କ୍ଷତିରେ ଚାଲିବାରୁ ଦୋକାନ ବନ୍ଦ କରି ତାଙ୍କ ବାପାଙ୍କର ଥିବା ୨ ଏକରର ଚାଷଜମିକୁ ଲୋକ ଲଗାଇ ଚାଷ କରିବାକୁ ଲାଗିଲେ। ଏଥିପାଇଁ ସେ କୋଅପରେଟିଭ୍ ବ୍ୟାଙ୍କ୍‌ରୁ ଷାଠିଏ ହଜାର ଟଙ୍କା ଲୋନ୍ ବି ଆଣିଥିଲେ। ହେଲେ ଦିନକୁ ଦିନ ଲୋକମାନଙ୍କର ମଜୁରି ବୃଦ୍ଧି ପାଇବାରୁ ଚାଷ କରିବାରେ ବି ସମସ୍ୟା ଦେଖାଦେଲା। ତେଣୁ ସେ ବାଧ୍ୟ ହେଲେ ଚାଷ ବନ୍ଦ କରିବାକୁ। ତା'ପରେ ନିଜ ବାଡିରେ ବିଭିନ୍ନ ପ୍ରକାରର ପନିପରିବା ଲଗାଇ ତାକୁ ବିକ୍ରି କରି ବହୁ କଷ୍ଟରେ ପରିବାରର ଗୁଜୁରାଣ ମେଣ୍ଟାଉଥିଲେ ଶରତ। ଏଥିରେ ତାଙ୍କୁ ତାଙ୍କ ପତ୍ନୀ ସୁକାନ୍ତି ବି ବହୁତ ସାହାଯ୍ୟ କରୁଥିଲେ। ଯେତେ କଷ୍ଟ ହେଲେ ମଧ୍ୟ ସେମାନେ ହସିହସି ସେ ସବୁକୁ ସହି ଯାଉଥିଲେ। ସେହି ସ୍ୱଳ୍ପ ରୋଜଗାରରୁ କିଛି ସଞ୍ଚୟ କରି ଶରତ ବ୍ୟାଙ୍କରୁ ଆଣିଥିବା ଲୋନ୍‌କୁ ବି ଶୁଝୁଥିଲେ। ତା'ସହିତ ପିଲା ଦୁହିଁଙ୍କୁ ପାଠ ପଢାଇ ଶିକ୍ଷିତ କରିବାରେ ମଧ୍ୟ ସେମାନେ ଦିନରାତି ଏକ କରି ଦେଇଥିଲେ, ଯାହାଫଳରେ ଏବେ ତାଙ୍କର ପୁଅଝିଅ ଦୁହେଁ ପାଠଶାଠ ପଢି ରୋଜଗାରକ୍ଷମ ହୋଇସାରିଲେଣି। ଆଉ ଘର ଚଳାଇବାରେ ବାପାଙ୍କୁ ସାହାଯ୍ୟ କରିବା ସହ ବାକି ଥିବା ବ୍ୟାଙ୍କ୍ ଲୋନ୍‌କୁ ଶୁଝିବାରେ ବି ସହଯୋଗ କରୁଛନ୍ତି। ତା'ସହିତ ଉଭୟ ଶରତ ଓ ସୁକାନ୍ତିଙ୍କୁ ପ୍ରତିମାସ ୫୦୦ଟଙ୍କା ଲେଖାଏ ଭିନ୍ନକ୍ଷମ ଭତ୍ତା ମିଳିବା ସହ ସରକାରଙ୍କର ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ (ଏଏୱାଇ) ମାସକୁ ୩୫ କେ.ଜି. ଚାଉଳ ବି ମିଳୁଛି। ତେଣୁ ଚଳିବାରେ ସେମାନଙ୍କୁ ଆଉ କିଛି ଅସୁବିଧା ହେଉନାହିଁ। ଆଜି ସେମାନେ ଯେଉଁ ଖୁସିରେ ଅଛନ୍ତି, ସେଥିପାଇଁ ସବୁ ଶ୍ରେୟ ଭଗବାନଙ୍କୁ ହିଁ ଦେଉଛନ୍ତି।

## ସୁଖଦୁଃଖକୁ ହସିହସି ସହିଯିବାକୁ ପ୍ରସ୍ତୁତ ଅଛନ୍ତି ଧନେଶ୍ୱର ଓ ସୁକାନ୍ତି

ସ୍ୱାମୀସ୍ତ୍ରୀ ଭିତରେ ଉତ୍ତମ ବୁଝାମଣା ଓ ନିଃସ୍ୱାର୍ଥ ପ୍ରେମ ଥାଇ ସୁଖର ସଂସାର ଗଢିବାକୁ କେଉଁ ଦମ୍ପତିଙ୍କୁ ବା ଭଲ ନ ଲାଗେ। ସେମିତି ଏକ ସୁନା ସଂସାରର ସ୍ୱପ୍ନ ନେଇ ଜୀବନର ଚଲାପଥରେ ପରସ୍ପରର ସହାୟକ ହେବାକୁ ମନସ୍ଥ କରି ଆଗକୁ ଆଗେଇ ଚାଲିଛନ୍ତି ଭଦ୍ରକର ଦିବ୍ୟାଙ୍ଗ ଦମ୍ପତି ଧନେଶ୍ୱର ପରିଡା(୨୫) ଓ ସୁକାନ୍ତି ପରିଡ଼ା(୨୪)। ତିନି ବର୍ଷ ତଳେ ବୈଦିକ ରୀତିରେ ସେମାନେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଆଉ ଏହି ସାତ ମାସ ତଳେ ସେମାନଙ୍କ କୋଳମଣ୍ଡନ କରିଛି ଏକ ଶିଶୁପୁତ୍ର। ହସଖୁସିରେ ଆଗେଇ ଚାଲିଛି ସେମାନଙ୍କ ତେଲଲୁଣର ସଂସାର। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ସୁନ୍ଦରପୁରରେ ରହିଛି ସେମାନଙ୍କ →



ସୁକାନ୍ତି-ଧନେଶ୍ୱର

ବାସସ୍ଥାନ। ଧନେଶ୍ୱର ମାତ୍ର ୨ମାସର ହୋଇଥିଲାବେଳେ ମିଳିମିଳାରେ ତାଙ୍କର ଦୁଇଆଖି ନଷ୍ଟ ହୋଇଯାଇଥିଲା। ତଥାପି ସେ ନିକଟସ୍ଥ ସୁନ୍ଦରପୁର-ଦୋହରାପାଟଣା ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିଲ କୁମାର ଦାସଙ୍କ ସାହାଯ୍ୟ ସହଯୋଗରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିବାରେ ସକ୍ଷମ ହୋଇଥିଲେ। ତା'ସଙ୍ଗେସଙ୍ଗେ ଭଲ ଗୀତ ଗାଇବା ସହ ନିଜେ ବିନା ଗୁରୁରେ ଢୋଲ ବଜାଇବା ବି ଶିଖି ଯାଇଥିଲେ। ଫଳରେ ସଂକୀର୍ତ୍ତନ ମଣ୍ଡଳୀରେ ସାମିଲ ହୋଇ ବିଭିନ୍ନ ସ୍ଥାନକୁ ଯାଇ ସଂଗୀତ ପରିବେଷଣ କରିବାରେ ତାଙ୍କୁ ଆଉ କଷ୍ଟ ହେଲା ନାହିଁ। ସେଥିରୁ ସେ କିଛି ରୋଜଗାର ବି କରିପାରିଲେ। ଏପରି କି ତାଙ୍କ ଗୀତ ଶୁଣି କେହି କେହି ତାଙ୍କୁ ଆର୍ଥିକ ସହାୟତା ବି କରିବାକୁ ଲାଗିଲେ। ଆଉ ସେହି ରୋଜଗାର ଓ ସହାୟତାରେ ହିଁ ବର୍ତ୍ତମାନ ତାଙ୍କର ପରିବାର ଚଳୁଛି। ଧନେଶ୍ୱରଙ୍କର ବାପାମା' ଓ ୨ ଭାଇ ବି ଅଛନ୍ତି। ହେଲେ ସେ କାହା ଉପରେ ନିର୍ଭର କରି ଚଳୁ ନାହାନ୍ତି। ନିଜ ସ୍ତ୍ରୀପିଲାଙ୍କ କଥା ନିଜେ ହିଁ ବୁଝୁଛନ୍ତି। ଏଥିରେ ତାଙ୍କୁ ସମ୍ପୂର୍ଣ୍ଣ ଶାରୀରିକ ଓ ମାନସିକଭାବେ ସାହାଯ୍ୟ କରୁଛନ୍ତି ତାଙ୍କ ପତ୍ନୀ ସୁକାନ୍ତି। ସୁକାନ୍ତିଙ୍କର ଜନ୍ମ ଭଦ୍ରକ ଜିଲା ଅସୁରାଳିଠାରେ। ତାଙ୍କର ଜନ୍ମରୁ ବାମହାତଟି କହୁଣି ପାଖରୁ ନାହିଁ। ସେ ବି ଅବିବାହିତ ଥିଲାବେଳେ ଏକ ଶିଳ୍ପ ତାଲିମ ଶିକ୍ଷାକେନ୍ଦ୍ରରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାମ କରୁଥିଲେ। ହେଲେ ବିବାହ ପରେ ନିଜର ଦୃଷ୍ଟିହୀନ ସ୍ୱାମୀଙ୍କ ଦେଖାଚାହାଁ କରିବା ପାଇଁ ସେ ଚାକିରି ଛାଡିଦେଲେ। ସୁକାନ୍ତି ଗୋଟିଏ ହାତରେ ଘର ଓ ତାଙ୍କ ପୁଅର ସମସ୍ତ କାମ କରିବା ସହ ଦୃଷ୍ଟିହୀନ ସ୍ୱାମୀଙ୍କର ସାହାରା ପାଲଟି ଯାଇଛନ୍ତି। ଉଭୟଙ୍କୁ ମାସିକ ୫ ଶହ ଟଙ୍କା ଲେଖାଏ ସରକାରୀ ଭତ୍ତା ମିଳୁଛି। ହେଲେ ଦୁଃଖର କଥା ଭତ୍ତା ପାଉଥିବାରୁ ତାଙ୍କୁ ପୂର୍ବରୁ ମିଳୁଥିବା ମାଗଣା ୧୦ କି.ଗ୍ରା. ଚାଉଳ ଆଉ ବର୍ଷେ ହେଲା ମିଳୁନାହିଁ। ତଥାପି ସେମାନେ ଭାଙ୍ଗି ପଡି ନାହାନ୍ତି। ସବୁ ସୁଖଦୁଃଖକୁ ହସି ହସି ସହିବାକୁ ସେମାନେ ଯେମିତି ନିଜକୁ ପ୍ରସ୍ତୁତ କରି ନେଇଛନ୍ତି। ଆଉ ଭଗବାନଙ୍କୁ କେବଳ ଗୋଟିଏ ପ୍ରାର୍ଥନା କରୁଛନ୍ତି, ତାଙ୍କ ପୁଅକୁ ସହାୟ ହୋଇ ତାକୁ ଭଲ ମଣିଷ କରିବା ପାଇଁ ।

**ନିବିଡ଼ ଭଲ ପାଇବା ହିଁ ଦିଲୀପ ଓ ଅନୀତାଙ୍କୁ ଦୃଢ କରିଛି:** ଜଗତ୍‌ସିଂହପୁର ଜିଲା ଗଉଡୁଣିପଡିଆ ପୋଷ୍ଟ ଅନ୍ତର୍ଗତ ବାଜପୁର ଗାଁର ଦିଲୀପ କୁମାର ସାହୁ। ୬ ଭାଇଭଉଣୀ ଭିତରେ ସେ ସବାସାନ। ଶିକ୍ଷାଗତ ଯୋଗ୍ୟତା ସ୍ନାତକ। ଦୁର୍ଭାଗ୍ୟବଶତଃ ଜନ୍ମରୁ ସେ ତାଙ୍କର ଦୃଷ୍ଟିଶକ୍ତି ହରାଇ ବସିଥିଲେ। ହେଲେ ପାଠପଢା ଓ ସୁମଧୁର ଗୀତ ବୋଲିବାରେ କିନ୍ତୁ ସେ ପୂରା ମାହିର। ଦିଲୀପ ଯେତେବେଳେ ଏସ୍.ଭି.ଏମ୍. କଲେଜରେ ପାଠ ପଢୁଥିଲେ ସେତେବେଳେ ଏକ ବର୍ଷ ପାଇଁ ସେ ଡ୍ରାମାଟିକ୍ ସେକ୍ରେଟାରୀ ବି ହୋଇଥିଲେ। କଲେଜ ପଢାପରେ କେତେଜଣ ଦୃଷ୍ଟିହୀନ ପିଲାମାନଙ୍କୁ ନେଇ ଆରମ୍ଭ ହୋଇଥିବା ଏକ ଅର୍କେଷ୍ଟ୍ରା ଟିମ୍‌ରେ ସେ ଗୀତ ଗାଇବାକୁ ଲାଗିଲେ। ସେହି ଅର୍କେଷ୍ଟ୍ରା ଟିମ୍‌କୁ ଅନୀତା ବାରିକ ନାମ୍ନୀ ଜଣେ ଦୃଷ୍ଟିହୀନ ଝିଅ ବି ଆସୁଥିଲେ ଗୀତ ଗାଇବା ପାଇଁ। ଅନୀତାଙ୍କ ଘର ଥିଲା କଟକର ଖପୁରିଆ ଲେବର କଲୋନୀରେ। ଧୀରେ ଧୀରେ ଦିଲୀପ ଓ ଅନୀତାଙ୍କ ଭିତରେ ବନ୍ଧୁତା ସ୍ଥାପନା ହେଲା। ଆଉ ଏହି ବନ୍ଧୁତା କେତେବେଳେ ଭଲ ପାଇବାରେ ପରିଣତ ହୋଇଗଲା ତାହା ଉଭୟଙ୍କୁ ବି ଜଣା ନ ଥିଲା। ଉଭୟ ବିବାହ କରିବାକୁ ନିଷ୍ପତ୍ତି ନେଲେ। ହେଲେ ଉଭୟଙ୍କ ପରିବାରର ବିରୋଧ ସେମାନଙ୍କ ଚଲାପଥରେ ବାଧକ ସାଜିଲା। ସେଥିପାଇଁ ସେମାନେ କୋର୍ଟ ମ୍ୟାରେଜ କରିବାକୁ ବାଧ୍ୟହେଲେ। ତଥାପି ବି ସେମାନଙ୍କ ବିବାହକୁ ପରିବାରବର୍ଗ ସମର୍ଥନ କଲେନାହିଁ, ଯେଉଁଥିପାଇଁ ଦିଲୀପ ଓ ଅନୀତାଙ୍କୁ ପୁଣି ଅଲଗା ରହିବାକୁ ପଡିଲା। କିଛିଦିନ ପରେ ଦିଲୀପ ଏକ ଟ୍ରେନ୍ ଦୁର୍ଘଟଣାର ସମ୍ମୁଖୀନ ହେଲେ। ଏହି ଦୁର୍ଘଟଣାରେ ଦିଲୀପଙ୍କର ବାମ ହାତ ଓ ବାମ ଗୋଡ କଟିଗଲା। ପରିବାର ଲୋକେ ତାଙ୍କୁ ନେଇ କିମ୍ସ ମେଡିକାଲ୍‌ରେ ଚିକିତ୍ସା କରାଇଲେ। ଦିଲୀପଙ୍କର ଏପରି ଦୁଃଖଦ ଅବସ୍ଥା ଓ ତାଙ୍କ ପରିବାରର ଦୁର୍ବଳ ଆର୍ଥିକ ଅବସ୍ଥାକୁ ଦେଖି ଡ.ଅଚ୍ୟୁତ ସାମନ୍ତ ତାଙ୍କର ମାଗଣା ଚିକିତ୍ସା କରାଇବାର ସମସ୍ତ ବନ୍ଦୋବସ୍ତ କରିଦେଲେ। ଚିକିତ୍ସା ସିନା ମାଗଣାରେ ହୋଇଗଲା ହେଲେ ସାରା ଜୀବନ ଦିଲୀପଙ୍କର ସେବା ଶୁଶ୍ରୂଷା କରିବ କିଏ ସେ ନେଇ ପରିବାର ଲୋକଙ୍କର ଚିନ୍ତା ବଢିଲା। ଏହି ସମୟରେ ଦିଲୀପଙ୍କର ଦୁଇ ସାଙ୍ଗ ଅମ୍ବୁଜ ବିଶୋଇ ଓ ଜ୍ଞାନରଞ୍ଜନ ଲେଙ୍କା ତାଙ୍କ ପରିବାର ଲୋକଙ୍କୁ ବହୁତ ବୁଝାଇଥିଲେ ଆଉ କହିଥିଲେ, ଦିଲୀପ ଓ ଅନୀତା ଯେହେତୁ କୋର୍ଟ ମ୍ୟାରେଜ କରିସାରିଛନ୍ତି, ତେଣୁ ଅନୀତାଙ୍କୁ ବୋହୂ ଭାବେ ସ୍ୱୀକାର କରି ନେବାକୁ। ଏହାଦ୍ୱାରା ଦିଲୀପଙ୍କୁ ଜଣେ ସାହାରା ମିଳିଯିବ ଜୀବନ ଜିଇବା ପାଇଁ। ବହୁ କଷ୍ଟରେ ତାଙ୍କ ପରିବାର ଲୋକେ ରାଜି ହୋଇଥିଲେ। ଆଉ ସେ ଯେଉଁଦିନ ମେଡିକାଲ୍‌ରୁ ଡିସ୍‌ଚାର୍ଜ ହେଲେ ସେଦିନ ତାଙ୍କ ସାଙ୍ଗରେ ସ୍ତ୍ରୀ ଅନୀତା ବି ତାଙ୍କ ଘରକୁ ଯାଇଥିଲେ। ୨୦୧୮ ଜାନୁୟାରୀ ୨୧ରେ ତାଙ୍କର ବୈଦିକ ରୀତିରେ ବିବାହ ମଧ୍ୟ ହୋଇଥିଲା। ତେବେ ଦିଲୀପ ଯେତେବେଳେ ମେଡିକାଲ୍‌ରେ ଥିଲେ ସେତେବେଳେ ଡ. ସାମନ୍ତ ଦିଲୀପ ଓ ତାଙ୍କର ଦୃଷ୍ଟିହୀନ ପତ୍ନୀ ଅନୀତାଙ୍କ ଚଳିବା ପାଇଁ ଅନୀତାଙ୍କୁ କିସ୍‌ରେ ଚାକିରି ଦେବେ ବୋଲି ଘୋଷଣା କରିଥିଲେ। ତା'ପରେ ସେ ନିଜେ ଚିନ୍ତା କଲେ ଯେ, ଦୁଇଜଣ ସ୍ୱଳ୍ପ ଦରମାରେ ଭୁବନେଶ୍ୱରରେ ରହିବା ଅସମ୍ଭବ। ସେଥିପାଇଁ ଦିଲୀପଙ୍କୁ ମଧ୍ୟ ସେ ଚାକିରି ଦେବାକୁ ନିଷ୍ପତ୍ତି ନେଲେ। ବର୍ତ୍ତମାନ ଦିଲୀପ ଉକ୍ତ ଶିକ୍ଷାନୁଷ୍ଠାନର କଲ୍‌ଚରାଲ୍ ଡିପାର୍ଟମେଣ୍ଟରେ ସଙ୍ଗୀତ ଶିକ୍ଷକ ଭାବେ ଓ ଅନୀତା ସେଠାରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ଆଉ ଭୁବନେଶ୍ୱରର ପଥର ଗାଡ଼ିଆରେ ଘରଭଡ଼ା ନେଇ ନିଜର ଦେଢବର୍ଷର ପୁଅ ଦିବ୍ୟାଂଶୁ ସହ ଖୁସିରେ ଜୀବନ ଜିଉଛନ୍ତି। ସେମାନଙ୍କ ନିବିଡ଼ ଭଲ ପାଇବା ଆଗରେ ଭିନ୍ନକ୍ଷମତା ବି ହାର୍ ମାନି ଯାଇଛି। ପାଦରେ ପାଦ ମିଶାଇ ତାଙ୍କର ସଂସାର ରଥକୁ ଆଗକୁ ଟାଣି ନେବାକୁ ସେମାନେ ଯେଉଁ ଦୃଢ ସଂକଳ୍ପ ନେଇଛନ୍ତି ତାହାକୁ ନ ଦେଖିଲେ କେହି ବି ବିଶ୍ୱାସ କରିପାରିବେ ନାହିଁ।







**ବିନୋଦ ଓ ଲକ୍ଷ୍ମୀଙ୍କ ନିଆରା ପ୍ରେମକାହାଣୀ:** ପଞ୍ଜାବର ମୋହାଲି ଜିଲାର ବାସିନ୍ଦା ହେଲେ ବିନୋଦ ଓ ଲକ୍ଷ୍ମୀ। ବିନୋଦଙ୍କର ଗୋଟିଏ ଗୋଡ ଆଦୌ କାମ କରେ ନାହିଁ। ସେ ଆଶାବାଡି ସାହାଯ୍ୟରେ ଚଲାବୁଲା କରିଥାନ୍ତି। ସେହିପରି ଲକ୍ଷ୍ମୀଙ୍କର ଜନ୍ମରୁ ହିଁ ନା ଦୁଇ ଗୋଡ ଅଛି ନା ହାତ। ଲକ୍ଷ୍ମୀଙ୍କର ଭବିଷ୍ୟତକୁ ନେଇ ତାଙ୍କ ମା' ବେଶ୍ ଚିନ୍ତିତ ଥିଲେ। ହେଲେ କିଏ ଜାଣିଥିଲା ଲକ୍ଷ୍ମୀଙ୍କ ଜୀବନରେ ବିନୋଦ ଭଳି ଏତେ ସ୍ନେହୀ ପିଲା ଜୀବନସାଥୀ ହୋଇ ଆସିବେ ବୋଲି। ଏହାକୁ ଭଗବାନଙ୍କର ବିଚିତ୍ର ଲୀଳା ହିଁ କୁହାଯାଇପାରେ। ଲକ୍ଷ୍ମୀ ପ୍ରତିଦିନ ଯେଉଁ ମନ୍ଦିରକୁ ଦର୍ଶନ ନିମନ୍ତେ ଯାଉଥିଲେ, ସେଠାକୁ ଦିନେ ବିନୋଦ ବି ଯାଇଥିଲେ। ପ୍ରଥମ ଦେଖାରେ ହିଁ ଲକ୍ଷ୍ମୀ ଓ ବିନୋଦଙ୍କ ଭିତରେ ବନ୍ଧୁତା ସ୍ଥାପନା ହୋଇ ଯାଇଥିଲା। ଆଉ ବନ୍ଧୁତା ଧୀରେ ଧୀରେ ପ୍ରେମରେ ପରିଣତ ହେବାକୁ ଲାଗିଲା। ପ୍ରତିଦିନ ମନ୍ଦିରରେ ସେମାନେ ଦେଖା ହେଉଥିଲେ। ପ୍ରାୟ ଦେଢବର୍ଷ ଏମିତି ବିତିବା ପରେ ସେମାନେ ବିବାହ ବନ୍ଧନରେ ବାନ୍ଧି ହେବାକୁ ଇଚ୍ଛା କରି ପରିବାର ଲୋକଙ୍କୁ ଏ ବିଷୟରେ ଜଣାଇଲେ। ଉଭୟଙ୍କ ପରିବାର ଲୋକେ ବି ସେମାନଙ୍କ ନିଷ୍ପତ୍ତିକୁ ସମ୍ମାନ ଦେଇ ସେମାନଙ୍କର ବିବାହ କରାଇ ଦେଲେ। ସେବେଠାରୁ ସେମାନେ ପରସ୍ପରର ସୁଖଦୁଃଖର ସାଥୀ ହୋଇ ଖୁସିରେ ଦାମ୍ପତ୍ୟ ଜୀବନ ବିତାଉଛନ୍ତି। ଆଉ ତାଙ୍କର ଏହି ପ୍ରେମ ସମ୍ପର୍କ ବିଷୟରେ ଯିଏ ଶୁଣୁଛି, ସେ କହୁଛି ସତରେ ବିନୋଦ ଓ ଲକ୍ଷ୍ମୀଙ୍କର ଏହା ହେଉଛି ଏକ ନିଆରା ପ୍ରେମକାହାଣୀ।

**ପ୍ରେମ ଓ ବିଶ୍ୱାସରେ ଜିଓଙ୍ଗ ଓ ୱେନ୍‌ଜୁଆନ୍‌ଙ୍କ ଜୀବନ ବିତୁଛି:** ଚାଇନାର ଜିଓଙ୍ଗ ଜିନ୍ ଜେନ ଏବଂ ୟେ ୱେନ୍‌ଜୁଆନ୍। ଜିଓଙ୍ଗଙ୍କୁ ଏବେ ବୟସ ପାଖାପାଖି ୭୪ ବର୍ଷ ଏବଂ ତାଙ୍କ ପତ୍ନୀ ୱେନ୍‌ଜୁଆନ୍‌ଙ୍କୁ ୬୭ ବର୍ଷ ହେବ। ଜିଓଙ୍ଗଙ୍କର ଜନ୍ମରୁ କାନକୁ କିଛି ଶୁଭେନାହିଁ ଏବଂ ତାଙ୍କ ପତ୍ନୀ ୱେନ୍‌ଜୁଆନ୍ ଆଜକୁ ପ୍ରାୟ ୩୭ ବର୍ଷ ହେବ ଏକ ସଂକ୍ରମଣ ରୋଗର ଶିକାର ହୋଇ ଚଲାବୁଲା କରିପାରୁ ନାହାନ୍ତି। ହ୍ୱିଲ୍‌ଚେୟାର୍‌ରେ ତାଙ୍କୁ ନେବା ଆଣିବା କରିବାକୁ ହୋଇଥାଏ। ଶାରୀରିକ ଅକ୍ଷମତା ସତ୍ତ୍ୱେ ଜିଓଙ୍ଗ ଓ ୱେନ୍‌ଜୁଆନ୍‌ଙ୍କ ମଧ୍ୟରେ ରହିଛି ଗଭୀର ଭଲପାଇବା। ଗୋଟେ ମୁହୂର୍ତ୍ତ ପାଇଁ ବି ସେମାନେ କେହି କାହାକୁ ଛାଡି ରହିପାରନ୍ତି ନାହିଁ। ଜିଓଙ୍ଗ ଘରର ସବୁ କାମ ଯେମିତି କି ରୋଷେଇବାସ, ଘରକୁ ପରିଷ୍କାର ରଖିବା, ଲୁଗା ସଫାକରିବା ଇତ୍ୟାଦି କାମ ବେଶ୍ ଖୁସିରେ କରିଥାନ୍ତି। ଯେହେତୁ ଜିଓଙ୍ଗଙ୍କୁ କିଛି ଶୁଭେ ନାହିଁ ତେଣୁ ବାର୍ତ୍ତାଳାପର ସମସ୍ତ କାମ ୱେନ୍‌ଜୁଆନ୍ କରିଥାନ୍ତି। ଏପରି କି ଶପିଂ ପାଇଁ ବାହାରକୁ ଗଲେ ବି ଜିଓଙ୍ଗ୍ ୱେନ୍‌ଜୁଆନ୍‌ଙ୍କୁ ହ୍ୱିଲ୍‌ଚେୟାର୍‌ରେ ବସାଇ ସାଙ୍ଗରେ ନେଇଥାନ୍ତି। ଫଳରେ ଦୋକାନରୁ ଜିନିଷପତ୍ର କ'ଣ କିଣାଯିବ, କେତେ ଟଙ୍କା ହେଲା, ରାସ୍ତାରେ ଗଲାବେଳେ ଗାଡି ମୋଟରର ଶବ୍ଦକୁ ଶୁଣି ଠିକ୍‌ରେ ଯିବାପାଇଁ ଜିଓଙ୍ଗଙ୍କୁ ସଚେତନ କରାଇବା ଆଦି କାମ ୱେନ୍‌ଜୁଆନ୍ ସମ୍ଭାଳି ନେଇଥାନ୍ତି। ଏହିପରି ଭାବେ ସେମାନେ ପ୍ରତିଦିନର ସମସ୍ୟାକୁ ସମାଧାନ କରି ତାଙ୍କର ଦାମ୍ପତ୍ୟ ଜୀବନକୁ ଉପଭୋଗ କରି ଚାଲିଛନ୍ତି। ଏତେ ପରିଣତ ବୟସରେ ବି ସେମାନଙ୍କ ଭିତରେ ଥିବା ଏହି ନିବିଡ ଭଲପାଇବାକୁ ଦେଖିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବା ସ୍ୱାଭାବିକ।

ତେଣୁ ଶେଷରେ କେବଳ ଏତିକି କୁହାଯାଇପାରେ, ସୁଖୀ ଦାମ୍ପତ୍ୟ ପାଇଁ ଶାରୀରିକ ଭାବେ ସମ୍ପୂର୍ଣ୍ଣ ସକ୍ଷମ ହେବା ହୁଏତ ସେତେ ଜରୁରୀ ନ ହୋଇପାରେ। ହେଲେ ପତ୍ନୀପତିଙ୍କ ଭିତରେ ଅତୁଟ ଭଲପାଇବା, ବିଶ୍ୱାସ ରହିବା ସହ ମନ ସଙ୍ଗେ ମନ ମିଶିବା ନିହାତି ଆବଶ୍ୟକ।

*-ଅନ୍ୱିତା*

*ତଥ୍ୟ-**ଭାସ୍କର ରାଉତରାୟ***

***ଦୀପ୍ତିରଞ୍ଜନ ନାୟକ***








# କପଲ୍ ଟି-ଶାର୍ଟ

**ଭାଲେଣ୍ଟାଇନ୍ସ ଡେ’ ବା ପ୍ରେମ ଦିବସ। ଏହାକୁ ଖାସ୍ କରିବାକୁ ଚାହାନ୍ତି ସବୁ କପଲ୍। କିଏ ଗୋଲାପ ତ କିଏ ପ୍ରେମଭରା କାର୍ଡ ଓ ଦାମୀ ଉପହାର ଦେଇ ଏହାକୁ ସ୍ମରଣୀୟ କରନ୍ତି। ତେବେ ଆଜିକାଲି ବଜାରରେ ଉପଲବ୍ଧ ହେଉଥିବା କପଲ୍ ଟି ଶାର୍ଟ ଟ୍ରାଏ କରି ମଧ୍ୟ ଦିନଟିକୁ ଅଭୁଲା କରିପାରିବେ। ଏହାକୁ ପିନ୍ଧି କପଲ୍ ଭିଡ ଭିତରୁ ବାରି ହୋଇପଡିବା ସହ ମନର କଥାକୁ ଏହି ଟି–ଶାର୍ଟ ମାଧ୍ୟମରେ ବ୍ୟକ୍ତ ବି କରିପାରିବେ...**










**ଲକ୍ଡ ହିୟର୍, ଫାଉଣ୍ଡ କି’ ଟି–ଶାର୍ଟ–** ଯଦି ଆପଣ ଆପଣଙ୍କ ହୃଦୟ ଅନେକ ବର୍ଷ ଧରି କାହାକୁ ନ ଦେଇ ତାଲା ପକାଇ ରଖିଥିଲେ। ହେଲେ ଶେଷରେ କେହି ଜଣେ ତା’ର ଚାବି ପାଇ ହୃଦୟ ଚୋରି କରି ନେଇଗଲେ। ତେବେ ଏହି ଲକ୍ଡ ହିୟର, ଫାଉଣ୍ଡ କି’ ଟି–ଶାର୍ଟ ନୂଆ ନୂଆ ପ୍ରେମ କରୁଥିବା ପ୍ରେମିକା ପ୍ରେମିକଙ୍କ ପାଇଁ ପରଫେକ୍ଟ ଚଏସ୍। ଏହାକୁ ଭାଲେଣ୍ଟାଇନ୍ସ ଡେ’ରେ ଉପହାର ବି ଦେଇପାରିବେ।

**ହର୍ ପ୍ରିନ୍ସ ଚାର୍ମିଂ, ହିଜ୍ ସିଣ୍ଡ୍ରେଲା ଟି–ଶାର୍ଟ–** ସବୁ ଯୁବତୀ ଯୁବକ ଚାହାନ୍ତି ତାଙ୍କ ଜୀବନ ପ୍ରିନ୍ସ ଚାର୍ମିଂ ଓ ସିଣ୍ଡ୍ରେଲାର କାହାଣୀ ପରି ପାଲଟିଯାଉ। ଅର୍ଥାତ୍ ସବୁ ଯୁବତୀ ପାଆନ୍ତୁ ତାଙ୍କ ପ୍ରିନ୍ସ ଚାର୍ମିଂ ଏବଂ ଯୁବକ ପାଆନ୍ତୁ ତାଙ୍କ ସିଣ୍ଡ୍ରେଲା। ଯଦି ଆପଣଙ୍କ ଜୀବନରେ ସେ ସ୍ୱପ୍ନର ନାୟିକା ନାୟକ ଆସିଯାଇଛନ୍ତି, ତେବେ ଏହି ଟି–ର୍ଟ ପିନ୍ଧି ଦୁନିଆକୁ ଜଣେଇ ଦିଅନ୍ତୁ ଯେ, କିଏ ଆପଣଙ୍କ ପ୍ରିନ୍ସ ଚାର୍ମ ଓ କିଏ ସିଣ୍ଡ୍ରେଲା।

**ବସ୍ କପଲ୍ ଟି–ଶାର୍ଟ–** ଦାମ୍ପତ୍ୟ ଜୀବନରେ ବସ୍ କିଏ ? ସ୍ୱାମୀ ନା ସ୍ତ୍ରୀ ? ଏଇ ପ୍ରଶ୍ନ ସମସ୍ତଙ୍କ ମନରେ ଆସିଥାଏ। ଆଉ ଅଳ୍ପ ବହୁତେ ସମସ୍ତେ ଜାଣନ୍ତି ପ୍ରକୃତରେ କିଏ ବସ୍। ଏହି ମଜାଦାର କଥାକୁ କପଲ୍ ଟି–ଶାର୍ଟରେ ବି ସ୍ଥାନ ଦିଆଯାଇଛି। ତେଣୁ ଏହି ଟି–ଶାର୍ଟକୁ ୱାର୍ଡରୋବ୍‌ରେ ସାମିଲ କରିପାରିବେ।

**ହି ଇଜ୍ ମାଇନ୍–ସି ଇଜ୍ ମାଇନ୍ ଟି– ଶାର୍ଟ–** ‘ତୁମେ ଖାଲି ମୋର’ ସେ ଦମ୍ପତି ହୁଅନ୍ତୁ ଅବା ପ୍ରେମୀଯୁଗଳ ଏଇ କଥାକୁ ଉଭୟେ କେବେ ନା କେବେ ନିଶ୍ଚୟ କହିଥିବେ। ପ୍ରେମ ବୋଲା ଏଇ କଥା ଲେଖା ଥିବା ଉକ୍ତ ଟି–ଶାର୍ଟ ଟ୍ରାଏ କରି ନିଜ ମନର କଥାକୁ ସମସ୍ତଙ୍କ ଆଗରେ ପ୍ରକାଶ କରିପାରିବେ।

**କିଙ୍ଗ–କୁଇନ୍ ଟି–ଶାର୍ଟ–** ଏହି ଟି–ଶାର୍ଟର ବହୁତ ଚାହିଦା ରହିଛି। ଫଟୋ ସୁଟ୍ ପାଇଁ ହେଉକି ପ୍ରଥମ ଟ୍ରିପ୍ ଅବା ପ୍ରଥମ ଆନିଭର୍ସାରି କି ଭାଲେଣ୍ଟାଇନ୍ସ ଡେ’ ଏହି କିଙ୍ଗ– କୁଇନ୍ ଟି–ଶାର୍ଟ ଅବସରକୁ ଖାସ୍ କରିଦେବ।

**ହିଜ୍–ହର୍ ଟି–ଶାର୍ଟ–** ପରସ୍ପରକୁ ଭଲ ପାଇବା ଓ ସମ୍ମାନ ଜଣାଇବାର ଏ ହେଉଛି ଏକ ଭଲ ମାଧ୍ୟମ। ଖାଲି ହିଜ୍–ହର୍ ଲେଖା ଥିବା ଟି–ଶାର୍ଟ ଛଡା ଆପଣ ଚାହିଁଲେ ହିଜ୍ ବ୍ୟୁଟି–ହର୍ ବିଷ୍ଟ, ହିଜ୍ ଜେସି–ହର୍ ଉଡ୍ ଲେଖା ହୋଇଥିବା ଟି–ଶାର୍ଟ ବି ଟ୍ରାଏ କରିପାରିବେ।

**ମିଷ୍ଟର–ମିସେସ୍ ଟି–ଶାର୍ଟ–** ନିଶ ଓ ଲାଲ ଲିପଷ୍ଟିକ୍ ବୋଳା ଓଠ ସହ ମିଷ୍ଟର, ମିସେସ୍ ଲେଖା ହୋଇଥିବା ଏହି ଟି–ଶାର୍ଟର ବି ବହୁତ ଚାହିଦା ରହିଛି। ଏଥିରେ ଆହୁରି ମଧ୍ୟ ଅନେକ ଡିଜାଇନ୍ ଥିବା ଟି–ଶାର୍ଟ ଉପଲବ୍ଧ ହୁଏ ଯାହା କପଲ୍‌ମାନେ ପିନ୍ଧି ଖାସ୍ ଲୁକ୍ ପାଇପାରିବେ।

**ଗର୍ଲଫ୍ରେଣ୍ଡ/ବୟଫ୍ରେଣ୍ଡ, ଫିଆନ୍ସ, ସ୍ୱାମୀ/ସ୍ତ୍ରୀ ଟି–ଶାର୍ଟ–** ସମ୍ପର୍କର ପରିବର୍ତ୍ତିତ ରୂପ ଦେଖିବାକୁ ମିଳେ ଏହି ଟି–ଶାର୍ଟରେ। କିଭଳି ଦୁଇଜଣ ଅଜଣା ମଣିଷ ପ୍ରେମିକ ପ୍ରେମିକା ସାଜନ୍ତି। ପରେ ସେହି ସମ୍ପର୍କ ଆଉ ଦୁଇ ପାଦ ଆଗେଇ ବାଗଦତ୍ତା ବା ଫିଆନ୍ସ ହୁଅନ୍ତି। ଶେଷରେ ବିବାହ କରି ସ୍ୱାମୀ ସ୍ତ୍ରୀ ପାଲଟନ୍ତି। ନବ ବିବାହିତ ଦମ୍ପତି ତଥା ହନିମୁନ୍‌କୁ ଯାଉଥିବା ଦମ୍ପତିଙ୍କ ପାଇଁ ଏହି ଟି–ଶାର୍ଟ ଏକ ପରଫେକ୍ଟ ଚଏସ୍। ଏହାକୁ ପିନ୍ଧିଲେ ଭିଡ ଭିତରୁ ବାରି ହୋଇପଡିବା ସହ ଆପଣଙ୍କ ଭିତରେ ଥିବା ଭଲପାଇବା ବି ଝଲସି ଉଠିବ।

**କନେକ୍ଟେଡ ଟୁ ହିମ୍/ହର୍–**ସବୁଠୁ ମଜଭୁତ କନେକ୍ସନ ହେଉଛି ପ୍ରେମ। ଏହି ଟି –ଶାର୍ଟ ପିନ୍ଧି ଆପଣ ଜଣାଇପାରିବେ ଯେ, ଯିଏ ଯେଉଁଠି ଥିଲେ ବି ଏଇ ଭଲପାଇବା ଯୋଗୁ ସେମାନେ ପରସ୍ପର ସହ ସବୁବେଳେ କନେକ୍ଟ ହୋଇ ରହିଥିବେ।


ଏସବୁ ଟି –ଶାର୍ଟ ବ୍ୟତୀତ ସୋଲ୍‌ମେଟ୍ ଟି–ଶାର୍ଟ, ଆଇ ଆମ୍ ଷ୍ଟକ୍ ୱିଥ୍ ହିମ୍/ହର୍, ୱାନ୍ ଲଭ୍, ପାର୍ଟନର୍ ଇନ୍ କ୍ରାଇମ୍, ପ୍ଲଗ୍ ଆଣ୍ଡ ପ୍ଲେ, ବେଟର୍ ହାଫ୍ ଆଭକାଡୋ, ସରି ହି/ସି, ଟୁଗେଦର୍ ସିନ୍ସ, ବୋ ଆଣ୍ଡ ଆରୋ, ଲଷ୍ଟ ଆଣ୍ଡ ରିଟର୍ନ ଆଦି କପଲ୍ ଟି–ଶାର୍ଟ ବି ଟ୍ରାଏ କରି ଏକ ରୋମାଣ୍ଟିକ୍ ଓ ଖାସ୍ ମାହୋଲ୍ ତିଆରି କରିପାରିବେ।








# ନାଓମି କ୍ଲେନ୍








ନାଓମି କ୍ଲେନ୍ । ଏକାଧାରରେ ସେ ଜଣେ ଲେଖିକା, ସମାଜସେବୀ, ଚଳଚ୍ଚିତ୍ର ପ୍ରଯୋଜିକା । ଏତଦ୍‌ବ୍ୟତୀତ, ସାମ୍ବାଦିକତା ତଥା ସମୀକ୍ଷା ଜଗତରେ ମଧ୍ୟ ତାଙ୍କର ରହିଛି ଅମ୍ଳାନ ସ୍ୱାକ୍ଷର । ବିଶେଷକରି, ରାଜନୀତି ତଥା ଅର୍ଥନୀତିର ସମୀକ୍ଷା କରିବାରେ ସେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି । ସାମ୍ପ୍ରତିକ ସମୟରେ ବିଶ୍ୱସ୍ତରରେ ଯେଉଁଭଳି ଭାବରେ ପୁଞ୍ଜିବାଦ ତା'ର କାୟା ବିସ୍ତାର କରି ଚାଲିଛି ତାହାକୁ ସେ କଠୋର ଭାବରେ ସମାଲୋଚନା କରିଛନ୍ତି । ଆଉ ଏହି ସମାଲୋଚନା ହିଁ ତାଙ୍କୁ ବିଶ୍ୱବ୍ୟାପୀ ପରିଚିତି ଆଣିଦେଇଛି । କାନାଡ଼ାର ଏହି ଲେଖିକା ଜଣକ ମଧ୍ୟ ଅଧ୍ୟାପନାରେ ରୁଚି ରଖନ୍ତି । ସେ କିଛିଦିନ ରୁଜର ୟୁନିଭର୍ସିଟିର ଫେମିନିଜମ୍ ଷ୍ଟଡିଜ୍ ବିଭାଗର ମୁଖ୍ୟ ଭାବରେ କାର୍ଯ୍ୟ ନିର୍ବାହ କରିଥିଲେ । କ୍ଲେନ୍‌ଙ୍କୁ ଅନ୍ତର୍ଜାତୀୟ ସଫଳତା ଆଣିଦେଇଥିଲା ତାଙ୍କର ପୁସ୍ତକ 'ନୋ ଲୋଗୋ' । ସେହିଭଳି ପ୍ରାମାଣିକ ଚଳଚ୍ଚିତ୍ର ' ଦି ଟେକ୍' ମଧ୍ୟ ତାଙ୍କୁ ବିଶ୍ୱସ୍ତରରେ ପରିଚିତ କରାଇପାରିଥିଲା । ଡକ୍ୟୁମେଣ୍ଟାରି ଫିଲ୍ମ 'ଦି ଟେକ୍'କୁ ସେ ଲେଖିଥିଲେ ଆଉ ତାଙ୍କର ସ୍ୱାମୀ ଆଭି ଲିଓିସ୍ ନିର୍ଦ୍ଦେଶନା ଦେଇଥିଲେ । କାରଖାନା ଉପରେ ଆର୍ଜେଣ୍ଟିନାର ଅଧିକାର ହସ୍ତକ୍ଷେପକୁ ନେଇ ପ୍ରସ୍ତୁତ ହୋଇଥିଲା ଏହି ଡକୁମେଣ୍ଟାରି ଫିଲ୍ମ । ତାଙ୍କର ଆଉ ଏକ ପ୍ରସିଦ୍ଧ ପୁସ୍ତକ ହେଉଛି 'ଦି ସକ୍ ଡକ୍‌ଟ୍ରିନ୍' । ଏହି ବହିର ପ୍ରକାଶକାଳ ୨୦୦୭ । ଅର୍ଥନୈତିକ ଉଦାରୀକରଣର ପୃଷ୍ଠଭୂମିରେ ଏହି ପୁସ୍ତକ ରଚିତ । ଏହାକୁ ନେଇ ମଧ୍ୟ ୬ ମିନିଟ୍‌ର ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇଛି । ପୁସ୍ତକ ରଚନା, ଅଧ୍ୟାପନା, ସାମ୍ବାଦିକତା ବ୍ୟତୀତ କ୍ଲେନ୍ ହେଉଛନ୍ତି ଜଣେ ପରିବେଶ କର୍ମୀ । ସାମ୍ପ୍ରତିକ ସ୍ଥିତିରେ ପରିବେଶର ସ୍ୱାସ୍ଥ୍ୟ ଯେଭଳି ଭାବରେ ହାନି ଘଟୁଛି ତାହା ଯେ ବିଶ୍ୱକୁ ଧ୍ୱଂସ କରିଦେବ ଏକଥା ହୃଦୟଙ୍ଗମ କରି କ୍ଲେନ୍ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରି ଚାଲିଛନ୍ତି । ସେଥିଲାଗି ତାଙ୍କୁ ୨୦୧୬ ମସିହାରେ ସିଡନୀ ପିସ୍ ପ୍ରାଇଜ୍ ପ୍ରଦାନ କରାଯାଇଛି ।




**ପାରିବାରିକ ଜୀବନ:** ନାଓମି କ୍ଲେନ୍ କାନାଡ଼ାର ମଣ୍ଟ୍ରିଲଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପରିବାର ଏକ ଇହୁଦୀ ପରିବାର ଥିଲା । ତାଙ୍କର ପୂର୍ବପୁରୁଷମାନେ ଧର୍ମକୁ ନେଇ ଖୁବ୍ ସ୍ପର୍ଶକାତର ଥିଲେ । ଏହାସତ୍ତ୍ୱେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ସମାଜସେବୀ ଓ ସମାଜ ସଂସ୍କାରକ । ବଂଶାନୁକ୍ରମିକ ଭାବରେ ଏହି ସମାଜସେବୀ ଓ ସମାଜ ସଂସ୍କାରକ ଗୁଣଟି ନାଓମିଙ୍କ ନିକଟକୁ ଆସିଥିବା ଅନୁମାନ କରାଯାଏ । ନାଓମିଙ୍କର ବାପା ଓ ମାଆ ଆତ୍ମଘୋଷିତ 'ହିପ୍ପି'ଥିଲେ । ସେଥିଲାଗି ସେମାନେ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲେ । ସେମାନେ ସ୍ୱଭାବତଃ ହିପ୍ପି ହୋଇଥିବା କାରଣରୁ କିଛିଦିନ ପରେ ସେମାନଙ୍କୁ କାନାଡ଼ା ଆଉ ଭଲଲାଗିଲା ନାହିଁ । ସେତିକିବେଳେ ଭିଏତ୍‌ନାମ ୱାର ଚାଲିଥାଏ । ସେମାନେ ମଣ୍ଟ୍ରିଲ୍‌ରୁ ଆମେରିକା ଚାଲିଆସିଲେ । ନାଓମି କ୍ଲେନ୍‌ଙ୍କ ମାଆ ଥିଲେ ଜଣେ ଡକ୍ୟୁମେଣ୍ଟାରି ଫିଲ୍ମ ମେକର । ତାଙ୍କର ନାମ ବନିସେର କ୍ଲେନ୍ । ଆଣ୍ଟି-ପର୍ନୋଗ୍ରାଫି ଫିଲ୍ମ 'ନଟ୍ ଏ ଲଭ୍ ଷ୍ଟୋରି' ପାଇଁ ତାଙ୍କୁ ବନିସେର କ୍ଲେନ୍‌ଙ୍କୁ ସ୍ମରଣ କରାଯାଇଥାଏ । ତାଙ୍କ ବାପାଙ୍କ ନାମ ମାଇକେଲ କ୍ଲେନ୍ । ସେ ଜଣେ ଡାକ୍ତର ଥିଲେ ।

**ଶପିଂମଲ ଗର୍ଲ :** ପିଲାବେଳେ ନାଓମି କ୍ଲେନ୍ ଫ୍ୟାଶନ୍‌ରେ ଖୁବ୍ ରୁଚି ରଖୁଥିଲେ । ଆଜି ବିଶ୍ୱ ତାଙ୍କୁ ଜଣେ ଲେଖିକା ଭାବରେ ଜାଣେ । ହେଲେ ଦିନ ଥିଲା ସେ ବହି ଦେଖିଲେ ବାରହାତ ଦୂରରେ ଯାଇ ବସୁଥିଲେ । ତାଙ୍କର ଜଣେ ସମ୍ପର୍କୀୟ ଏକ ଡ୍ରେସ୍ ଦୋକାନ କରିଥିଲେ । ନାଓମି ସବୁବେଳେ ଯାଇ ସେ ଦୋକାନରେ ବସୁଥିଲେ । ଆଉ ଭଲଭଲ ଡ୍ରେସ୍‌ସବୁକୁ ଆଖି ପୂରେଇ ଦେଖୁଥିଲେ । ଏକ ଇଣ୍ଟରଭିୟୁ ଦବା ଅବସରରେ ନାଓମି ଏକଦା କହିଥିଲେ ଯେ, ସେ ପିଲାବେଳେ ଜଣେ ଶପିଂମଲ୍ ଗର୍ଲ ଥିଲେ । ତାଙ୍କ ପରିବାରର ଲୋକମାନେ ତାଙ୍କୁ ସେହିପରି ଏକ ନାମରେ ସମ୍ବୋଧନ କରୁଥିଲେ । ଏବେ ମଧ୍ୟ ତାଙ୍କ ରୁଚି ବଦଳିନାହିଁ । ଡ୍ରେସ୍ ଦୋକାନକୁ ପଶିବା ମାତ୍ରେ ତାଙ୍କ ଭିତରେ ସେଇ ପିଲାବେଳର ସ୍ମୃତି ଜାଗରୁକ ହୋଇ ଉଠିଥାଏ । ଯା'ହେଉ ତାଙ୍କର ପିଲାବେଳଟି ଭାରି ସ୍ମୃତିବହୁଳ ଓ ମଜାଦାର ଥିଲା ବୋଲି ନାଓମି ଅନେକ ସ୍ଥାନରେ ଉଲ୍ଲେଖ କରିଛନ୍ତି ।

**ନୋ ଲୋଗୋ:** ନାଓମିଙ୍କର ପ୍ରଥମ ପ୍ରକାଶିତ ପୁସ୍ତକ ହେଉଛି 'ନୋ ଲୋଗୋ' । ଏହି ବହିଟି ତାଙ୍କୁ ବିଶ୍ୱବ୍ୟାପୀ ସଫଳତା ଆଣି ଦେଇଥିଲା । ନିୟୁତ ନିୟୁତ ସଂଖ୍ୟାରେ ବିକ୍ରିହେବା ସହିତ ପ୍ରାୟ ୨୮ଟି ଭାଷାରେ ଏହା ଅନୂଦିତ ହୋଇଥିଲା । ବିଶ୍ୱରେ ଦିନକୁଦିନ କନ୍‌ଜ୍ୟୁମର କଲଚର ବା ଖାଉଟି ସଂସ୍କୃତି ବୃଦ୍ଧି ଘଟଣାକୁ ଉପଜୀବ୍ୟ କରି ଏହି ପୁସ୍ତକଟିର ରଚନା କରିଥିଲେ ନାଓମି । ଖାଉଟି ସଂସ୍କୃତି ବଢ଼ିବା ଫଳରେ କର୍ପୋରେଟ୍‌ମାନେ ଦିନକୁଦିନ ସବଳ ହେଉଥିଲେ । ବିଶ୍ୱର ସବୁଆଡ଼େ ଲୋକମାନଙ୍କୁ ପରୋକ୍ଷ ଶୋଷଣ କରିବା ଆରମ୍ଭ ହୋଇଗଲା । ଦିନକୁଦିନ ନୂଆନୂଆ ଉତ୍ପାଦ ବଜାରକୁ ଛାଡ଼ିବା ଆଳରେ ଖାଉଟିମାନଙ୍କ ମଧ୍ୟରେ ବିଳାସୀ ଜିନିଷ କିଣିବାର ଭୋକକୁ ବଢ଼େଇ ଚାଲିଲେ କର୍ପୋରେଟ୍‌ମାନେ । ଫଳ ହେଲା ଏଇଆ ଯେ, ଗୋଟିଏ ଗୋଷ୍ଠୀ କିଣିକିଣି କାଙ୍ଗାଳ ହେଉଥିବା ବେଳେ ଆଉ ଗୋଟିଏ ଗୋଷ୍ଠୀ ସେମାନଙ୍କଠାରୁ ଅର୍ଥ ଶୋଷଣ କରି ମାଲାମାଲ ହେଉଥିଲେ । ଏହା ଥିଲା ପୁସ୍ତକ 'ନୋ ଲୋଗୋ'ର ସଂକ୍ଷିପ୍ତ ସାରକଥା । ପୁସ୍ତକଟି ସଚେତନ ସମାଲୋଚକମାନଙ୍କୁ ବହୁମାତ୍ରାରେ ପ୍ରଭାବିତ କରିଥିଲା । ଉଦାରୀକରଣ ଆଉ ବଜାରୀକରଣ ଯେ କ୍ରମଶଃ ସମଗ୍ର ମାନବ ସଭ୍ୟତାକୁ ଗ୍ରାସ କରି ଚାଲିଛି ତାହା ଅତି ସ୍ପଷ୍ଟ ଭାବରେ ଏହି ବହିରେ ନାଓମି ପ୍ରକାଶ କରିଥିଲେ ।





## ଫୁଲ

–ସୁଷମା ଦାଶ

ମୁଁ ଖୋଜୁଥିଲି
ଟିକେ ମାଟି
ମୁଣ୍ଡ ଉପରେ ଆକାଶ ।
ସେ ଖୋଜୁଥିଲା
ଫୁଲ ଓ ତା'ର ସୁବାସ ।
ପରସ୍ପର ମିଳିତ ହେଲୁ ତ
ମଖମଲି ପାଖୁଡା ମେଲି
ନିଜକୁ ମୁଁ ବିଛାଇ ଦେଲି,
ମହକି ଗଲି,
ଆଖି ବୁଜି ଖୋଜୁଥିଲି ନିଜକୁ ତ
ସେ ପରସ୍ତ ପରସ୍ତ ଖୋଲି
ଖୋଜୁଥିଲା ମୋତେ !
ଦେହ ସାରା ମୋର
କୋମଳ ଦଂଶନ
ସେ ଉନ୍ମତ୍ତ ଉନ୍ମୁଖ
ଗୋଟିଏ ଭଅଁର ପରି..
କ୍ରମଶଃ..
ଆମର ସଂଭୋଗରୁ
ଉତୁରି ଆସୁଥିଲା
ବୀଜଟିଏ
ମାଟି ଫଟାଇ..

*–କେ–୪୦୩ ଟ୍ରାଇଡେଣ୍ଟ ଗ୍ୟାଲେକ୍ସି*
*ପାଇକରାପୁର, ଭୁବନେଶ୍ୱର*



# ବିୟୁଟି ସ୍ପଟ୍

ଶ୍ରୀଗୋବିନ୍ଦ

ବାହାଘର ପରେ ବି ଅନୀମା ମୋ ସହ ପ୍ରେମ ସମ୍ପର୍କକୁ ଭାଙ୍ଗି ନ ଥିଲା । ଅନେକ ବର୍ଷର ପ୍ରେମ ପରେ ସେ ମୋତେ ନ ଜଣାଇ ହଠାତ୍ ସରକାରୀ ଚାକିରି କରିଥିବା ରିତେଶକୁ ବିବାହ କରିଯାଇଥିଲା । ଅବଶ୍ୟ ସେଇଟା ଥିଲା ଆରେଞ୍ଜ ମ୍ୟାରେଜ । ଭଲଘର ଓ ଭଲବର ପ୍ରସ୍ତାବଟାକୁ ବିନା ଦ୍ୱିଧାରେ ଗ୍ରହଣ କରିନେଇଥିଲା, ଏମିତି ବି ମୋ କଥା ଥରେ ସୁଦ୍ଧା ତାଙ୍କ ଘରେ ଉଠାଇ ନ ଥିଲା । କିନ୍ତୁ କ'ଣ ହେଲା କେଜାଣି ବିବାହର ୩ମାସ ପରେ ମୋ ସହ ଆଉ ଥରେ ସମ୍ପର୍କ ଯୋଡ଼ିଥିଲା ଓ ନିୟମିତ ବ୍ୟବଧାନରେ ଦେଖାଚାହାଁ ବି ହେଉଥିଲା । ଝିଅବେଳେ ଯେମିତି ପାର୍କ, ଶପିଂ ମଲ୍, ପୁରୀ ବୁଲିବା ହେଉଥିଲା, ସେମିତି ବି ଯେତେବେଳେ ଯୁଆଡ଼େ ଡାକିଲେ ସେ ମୋ ସହ ବୁଲି ଯାଉଥିଲା । ବିବାହ କଲାପରେ ସେ ଭୁବନେଶ୍ୱରରେ ରହୁଥିଲା କିନ୍ତୁ ତା' ସ୍ୱାମୀ ବାରିପଦାରେ ଚାକିରି କରୁଥିବା କାରଣରୁ କେବେ କେମିତି ସପ୍ତାହେ କି ଦି ସପ୍ତାହରେ ଥରେ ଘରକୁ ଆସୁଥିଲା । ସେହି କାରଣରୁ ନିଦ୍ୱର୍ନ୍ଦ୍ୱରେ ମୋ ସହ ସେ ବୁଲିପାରୁଥିଲା ।

ଅନୀମାର ବାହାଘରର ଦୁଇମାସ ପରେ ମୋର ବି ବିବାହ ହୋଇଯାଇଥିଲା । ମୋ ସହ ପ୍ରେମର ଷ୍ଟାଣ୍ଡବାଏରେ ଥିବା ଜଣେ ଘରୋଇ କଲେଜ ଅଧ୍ୟାପିକାଙ୍କ ସହ ବିବାହ ହୋଇଯାଇଥିଲା । ଅନୀମା ସହ ଆଫାୟର୍ସ ଭାଙ୍ଗିଯିବା ପରେ ମୁଁ ତା ପ୍ରସ୍ତାବରେ ରାଜି ହୋଇଯାଇଥିଲି । ସେ କିନ୍ତୁ ଅନୀମା ଓ ମୋ ପ୍ରେମ ସମ୍ପର୍କର ସୁରାକ ବି କିଛି ପାଇ ପାରି ନ ଥିଲା ।

ମୋ ସ୍ତ୍ରୀ ସେଦିନ ରୋମାଣ୍ଟିକ ମୁଡ୍‌ର ଥିବାବେଳେ ମୋ କୋଳକୁ ଆଉଜି ଆସି କହିଥିଲା–ସମସ୍ତେ କୁହନ୍ତି ଓଠ ପାଖରେ କଳାଜାଇ ଥିଲେ ପ୍ରେମ ବିବାହ ହୁଏ । ମୋର ଯେଉଁଠି ତମର ବି ସେଇଠି କଳାଜାଇ । ମୋତେ ଯଦିଓ ହସ ଲାଗୁଥିଲା ମୁଁ କିନ୍ତୁ ହସି ପାରୁ ନ ଥିଲି । ମୋ ସ୍ତ୍ରୀ ଆଲିଶାର କଳାଜାଇ ତା ଜନ୍ମରୁ ରହିଛି । ଠିକ ତା ବାଁ ପଟ ଓଠ ତଳକୁ ଯେଉଁ ବିୟୁଟି ସ୍ପଟ୍ ହୋଇ ରହିଛି, ବେଶ ମାନେ ବି ତାକୁ । ସେ କିନ୍ତୁ ମୋତେ ତାରିଫ୍ କରେ, କହେ–ଝିଅଙ୍କର ବିୟୁଟି ସ୍ପଟ୍‌କୁ ସମସ୍ତେ ପସନ୍ଦ କରନ୍ତି କିନ୍ତୁ ମୁଁ ତମର ଚାକିରି ବାକିରି କି ଚେହେରା ନୁହେଁ ତମର ଏହି ସ୍ପଟ୍‌କୁ ହିଁ ପସନ୍ଦ କରେ । ମୁଁ କହିପାରେନି ଏହା ବିୟୁଟି ନୁହେଁ ବ୍ଲାକସ୍ପଟ୍ ବୋଲି ।

ଆଲିଶା ଏକଥା ଜାଣିପାରେ ନାହିଁ ସିନା ଅନୀମା କିନ୍ତୁ ଜାଣେ । ଅନୀମା ସହ ପୂର୍ବ ତିନିବର୍ଷ ତଳେ ଭାଲେଣ୍ଟାଇନ ଡେ ପାଳନ କରିବା ବେଳେ ମୋତେ ଯେଉଁ ଲିପ୍ କିସ୍ କରିଥିଲା, ତାହାର ପରିଣାମ ଏହି ବ୍ଲାକସ୍ପଟ୍ । ପାର୍କରେ କିସ୍ କଲାବେଳେ ତା ଦାନ୍ତ ଟିକେ ଜୋର କରି ମୋ ଓଠରେ ବସି ଯାଇ କ୍ଷତ ସୃଷ୍ଟି ହୋଇଥିଲା ଓ ପରେ ବ୍ଲାକ୍ ସ୍ପଟ୍ ହୋଇ ରହିଯାଇଥିଲା । ଏହି ବ୍ଲାକ୍ ସ୍ପଟକୁ ଆଲିଶା ବିୟୁଟି ସ୍ପଟ୍ ବୋଲି ଧରିନେଇଥିଲା ।

ଅନୀମାକୁ ଏହିକଥା କହିଲେ, ସେ ବଡ଼ ଜୋରରେ ହସେ । କହେ ମୋତେ ତ ଧନ୍ୟବାଦ ଦେଉନ । ମୁଁ ସିନା ତମର ହେଲିନି, ହେଲେ ମୋର ଗୋଟେ କିସ୍ ତମକୁ ଆଉଜଣେ ସୁନ୍ଦରୀର ହାତ ଧରାଇଲା ।

ପୂର୍ବବର୍ଷର ଭାଲେଣ୍ଟାଇନ ଡେ ପାଳନକୁ ଅନୀମା ମନେପକାଇ କହିଲା, ଏଥର କିଛି ପ୍ଲାନିଂ କଲ ? ମୋ ହଜବ୍ୟାଣ୍ଡଙ୍କର ୱାର୍କିଂ ଡେ ଥିବା କାରଣରୁ ସେ ଆସିପାରିବେନି, ତେଣୁ ଏଥର ପୁରୀ ପ୍ଲାନିଂ କର । ମୁଁ ତା କଥାରେ ରାଜି ହୋଇ ଭାଲେଣ୍ଟାଇନ ପାଳିବାକୁ ପୁରୀ ପଳେଇଯାଇଥିଲୁ । ଅନୀମା ଓ ମୁଁ ସି ବିଚ୍ ହୋଟେଲର ବାଲକୋନୀରେ ବସିଥିବା ବେଳେ କହିଲା–ଏମିତି ମନ ମାରି ବସିଲେ ହେବ, ଆରବର୍ଷ କଥା ଟିକେ ମନେ ପକାଅ । ସୁନ୍ଦରୀ ଝିଅଙ୍କ ଓଠ ଆଉ ଗଡ଼ାଯାଇଥିବା ହ୍ୱିସ୍କି, ଡେରିକଲେ କାହାର ନା କାହାର ହୋଇଯାଏ–ତମର କେହି ଜଣେ ସାହିତ୍ୟିକ କହିଥିଲେ । ତମେ ତ କବି ଲୋକ ଠିକ ଭାବରେ ବୁଝିପାରିବ । ଅନୀମା ମୋ କୋଳରେ ବସିପଡ଼ି ମୋ ଓଠରେ ଚୁମାଟିଏ ଦେଲାବେଳକୁ ମୋତେ ଲାଗୁଥିଲା, ଯେମିତି କଳାପଡ଼ିଯାଇଥିବା ସେ ପୁରୁଣା କ୍ଷତଟା ନୂଆ ହୋଇଯାଉଛି ଆଉ ସେ ଯେମିତି ଜାହିର କରିପାରୁଛି ତା'ର ଘନିଷ୍ଠ ପ୍ରେମିକାପଣିଆ । ଏମିତି ବି ଲାଗୁଥିଲା, ଏହି କଳଙ୍କ ସକାଳକୁ ମୋ ସ୍ତ୍ରୀକୁ ଆହୁରି ନୂଆ ଲାଗିବ, ତା ପ୍ରଥମ ପସନ୍ଦର ମୋର ଏଇ ବିୟୁଟି ସ୍ପଟ୍‌ଟା ଆହୁରି ଯେମିତି ନୂଆ ହୋଇଯାଇଥିବ ।

*–ସାନ ମଛୁଆଘାଇ, ରାଜଘରପୋଖରୀ, ଭଦ୍ରକ*

## ଦୁର୍ବଳତା

–ସିଦ୍ଧେଶ୍ୱର ତ୍ରିପାଠୀ

ନା ପ୍ରେମିକାକୁ ଭୁଲିହୁଏ
ନା କବିତାକୁ
ଭୁଲିବାର ବାହାନା କରି କରି
ଏ ମନ ଥକିଯାଏ
ହେଲେ ପାରେନି
ସେଇ ଶବ୍ଦ ଯୋଡିବାରେ
ଥାଏ ଆନନ୍ଦ
ଆଉ ତା ଭାବନାରେ ଥାଏ
ଗୋଟେ ଅଲଗା ପ୍ରକାର ଖୁସି ।

*–ଖୋର୍ଦ୍ଧା*


## ତୁମ ଅନୁରାଗ ପରେ

– ସରୋଜିନୀ ଷଡ଼ଙ୍ଗୀ

ତୁମ ଅନୁରାଗ ପରେ
ସମୁଦ୍ର ଉତ୍ତାଳ ହୁଏ
ଦିଗ୍‌ବଳୟ ନଇଁଆସେ
ଆକାଶ ଓହ୍ଲାଇ କରେ
ପୃଥିବୀକୁ ମୁଗ୍ଧ ଆଲିଙ୍ଗନ
ହେ ଶାଶ୍ୱତ ସହଯାତ୍ରୀ
ତୁମ ଅନୁରାଗ ଲାଗେ
ସତେକି ଚମ୍ପାଫୁଲର ପାଖୁଡାରେ
ବୁନ୍ଦାଏ କାକର ।
ତୁମ ଅନୁରାଗ ପରେ
ସବୁ ନୂଆ ନୂଆ ଲାଗେ
ଭାବ ନୂଆ, ଭାଷା ନୂଆ
ଝଙ୍କାର ବି ନୂଆ ନୂଆ
ଅଦୃଶ୍ୟ ବର୍ଷାର ବାସ୍ନା
ମହକାଏ ମୋ ମନର
କୋଣ ଅନୁକୋଣ
ତୁମ ଅନୁରାଗ ପରେ
ଚନ୍ଦ୍ରମୟ ହୋଇଯାଏ
ଚାହୁଁ ଚାହୁଁ ମୋ ଚନ୍ଦନ ବନ ।

– ଲିଙ୍କ୍ ରୋଡ୍, କଟକ





ଆମୀର-ସଲମାନ

# ଆମୀରଙ୍କ ସହ ଆଦୌ କଥା ହୋଇ ନ ଥିଲେ ସଲମାନ

'ଦୋସ୍ତ ଏକ୍ ପିୟାଲା ମେଁ ଚାୟ ପିୟେଙ୍ଗେ'। ଅନ୍ଦାଜ ଅପ୍‌ନା ଅପ୍‌ନା ଚଳଚ୍ଚିତ୍ରର ଏହି ଡାଏଲଗ ସେତେବେଳେ ବେଶ୍ ଚର୍ଚ୍ଚିତ ହୋଇଥିଲା। କାରଣ ଏହି ଫିଲ୍ମରେ ଦୁଇ ଜଣ ଲୋକପ୍ରିୟ ଅଭିନେତା-ସଲମାନ, ଆମୀର ଅଭିନୟ କରିଥିଲେ। ହେଲେ ଶୁଟିଂ ସମୟରେ ସିନା ଏପରି ଦୃଶ୍ୟଟିକୁ ଓକେ କରିଥିଲେ। କିନ୍ତୁ ପରଦା ପଛରେ ଏପରି ଘଟି ନ ଥିଲା। କାରଣ ଦୁହିଁଙ୍କ ଭିତରେ କେତେ ଶତ୍ରୁତା ତାହା କହିବା ବାହୁଲ୍ୟ। ଦୁହେଁ କେବଳ କ୍ୟାମେରା ସାମନାରେ ଯାହା ନିଜ ଡାଏଲଗ ଡେଲିଭରି କରିଥିଲେ। ହେଲେ ଶଟ୍ ନ ଥିବା ବେଳେ ଦୁହେଁ ଆଦୌ କଥା ହୋଇ ନ ଥିଲେ। ଏପରି ରୋଚକ କଥା ନିକଟରେ ପ୍ରକାଶ କରିଛନ୍ତି ଏହି ଫିଲ୍ମର ନାୟିକା ରବିନା ଟଣ୍ଡନ। ସେ କହିଥିଲେ, 'ଏଥିରେ ମୋ ବ୍ୟତୀତ କରିଷ୍ମା କପୁର ମଧ୍ୟ ଅଭିନୟ କରିଥିଲେ। ଲିଜର ଟାଇମରେ ଆମେ ଦୁହେଁ ଗପରେ ମଜ୍ଜି ଯାଉଥିଲୁ। ଏପରି କି ଆମ ସହ ନିର୍ଦ୍ଦେଶକ ମଧ୍ୟ ଯୋଗ ଦେଉଥିଲେ। ହେଲେ ଆମୀର-ସଲମାନ ପରିସ୍ପର ସହ ଆଦୌ କଥା ହେଉ ନ ଥିଲେ। ଏପରି କି ଫିଲ୍ମଟି କିପରି ବିନା ଅସୁବିଧାରେ ଶୁଟିଂ ହେଲା, ସେକଥା ମନେପଡିଲା ବେଳକୁ ମୋତେ ଏବେ ବି ଆଶ୍ଚର୍ଯ୍ୟ ଲାଗୁଛି।'

# ସ୍କ୍ରିପ୍ଟ ପଢ଼ି ନ ଥିଲେ ସାରା

ଏଥର ଭାଲେଣ୍ଟାଇନ୍ ଡେ'ରେ ରିଲିଜ ହେଉଛି ଇମତିୟାଜ୍ ଅଲ୍ଲୀଙ୍କ ନିର୍ଦ୍ଦେଶିତ ସିନେମା 'ଲଭ୍ ଆଜ୍ କଲ୍'। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି କାର୍ତ୍ତିକ ଆର୍ଯ୍ୟନ ଏବଂ ସାରା ଅଲ୍ଲୀ ଖାଁ। ଯେତେବେଳେ ସାରା ଏହି ଅଫରଟି ପାଇଲେ ସେ ଏତେ ଖୁସି ହୋଇଯାଇଥିଲେ ଯେ ସ୍କ୍ରିପ୍ଟ ପଢ଼ିବା ଏବଂ ନିଜ ଭୂମିକା ବିଷୟରେ ସୂଚନା ପାଇବା ପୂର୍ବରୁ ଅଭିନୟ କରିବାକୁ ରାଜି ହୋଇଯାଇଥିଲେ। ଏହା ପଛରେ ସେପରି କାରଣ ରହିଛି। ପୂର୍ବରୁ ଏହି ଟାଇଟଲରେ ଏକ ସିନେମା ନିର୍ମିତ ହୋଇଥିଲା, ଯାହାର ମେଲ୍ ଲିଡ୍‌ରେ ଅଭିନୟ କରିଥିଲେ ସୈଫ ଅଲ୍ଲୀ ଖାଁ। 'ଯେହେତୁ ଏହାର ମୂଳ ସିନେମାରେ ମୋ ଡାଡି ଅଭିନୟ କରିଥିଲେ, ତେଣୁ ଏହି ରିମେକ୍ ଫିଲ୍ମର କାହାଣୀ ଏବଂ ମୋ ଭୂମିକା ବିଷୟରେ ଜାଣିବାକୁ ମୁଁ ଆଗ୍ରହ ପ୍ରକାଶ କରି ନ ଥିଲି ବୋଲି କହିଛନ୍ତି ସାରା।



ଦିଶା

# ଦିଲ୍‌ର ପାସୱାର୍ଡ

ଆଜିକାଲି ପାସୱାର୍ଡ ସିଷ୍ଟମ ଏକ ସାଧାରଣ କଥା ହୋଇଗଲାଣି। ମୋବାଇଲ ହେଉ କି କମ୍ପ୍ୟୁଟର ଅବା ଲାପଟପରେ ନିଜର ଗୁରୁତ୍ୱପୂର୍ଣ୍ଣ ମ୍ୟାଟରକୁ ଗୋପନୀୟ କରି ରଖିବାର ଏହା ଏକ ସରଳ ତଥା ସହଜ ଉପାୟ। ହେଲେ ଦିଲ୍ ବା ହୃଦୟର କ'ଣ ପାସୱାର୍ଡ ଥାଇପାରେ ! ଏପରି କଥା ଅନେକଙ୍କୁ ଆଶ୍ଚର୍ଯ୍ୟାନିତ କରିବା ସ୍ୱାଭାବିକ। ତେବେ ଏପରି ଏକ କୌତୂହଳପୂର୍ଣ୍ଣ ପ୍ରେମ କାହାଣୀକୁ ଆଧାର କରି ନୂଆ ଓଡ଼ିଆ ସିନେମାଟିଏ ନିର୍ମିତ ହେଉଛି। ଏହାର ଟାଇଟଲ ରହିଛି 'ଦିଲ୍‌ର ପାସୱାର୍ଡ'। ଉକ୍ତ ସିନେମା ପାଇଁ ଏପରି ଏକ ଅଭିନବ କାହାଣୀଟିଏ ରଚନା କରିବା ସହ ତାହାର ଲାଇନ୍ ପ୍ରଡ୍ୟୁସର ଅଛନ୍ତି ରମାଶଙ୍କର। ଫିଲ୍ମର ମେଲ୍ ଲିଡ୍‌ରେ ଓଲିଉଡ୍‌ର ୟଙ୍ଗ ସନ୍‌ସେସନ ସ୍ୱରାଜ ବାରିକ ଅଭିନୟ କରୁଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ବମ୍ବେରେ ରହୁଥିବା ମାନବୀ ପଟେଲ। ବର୍ତ୍ତମାନ ଏମବିଏ ପଢୁଥିବା ଏହି ନାୟିକା ପ୍ରଥମ ଥର ପାଇଁ ଓଡ଼ିଆ ସିନେମାରେ ପାଦ ଦେବାକୁ ଯାଉଛନ୍ତି। ଏଥିରେ ସେ ଜଣେ କଲେଜ ଯାଉଥିବା ଝିଅ (ରିୟା) ଭୂମିକାରେ ଅଭିନୟ କରିବେ। ପ୍ରେମ ଆନନ୍ଦଙ୍କ ସ୍ୱର ସଂଯୋଜନାରେ ଏହାର ଗୀତଗୁଡ଼ିକର ରେକର୍ଡିଂ ବମ୍ବେରେ କରାଯିବ ଏବଂ ଏଥିରେ ଓଲିଉଡ୍ ଏବଂ ବଲିଉଡ୍‌ର ଟେକ୍ନିସିଆନମାନେ କାମ କରିବେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଆୟୁଷୀ ଫିଲ୍ମସ ବ୍ୟାନରରେ ତଥା ସୁମନ ବର୍ମାଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହେବାକୁ ଯାଉଥିବା ଏହି ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ନବାଗତ ଧରମ ବର୍ମା।



ମାନବୀ

# ଗାୟିକା ହେବାକୁ ଆଶା

ଦିଶା ପଟାନିଙ୍କ ମନକୁ ଏକ ଆଇଡିଆ ଜୁଟିଛି। ସେ ଏବେ ଗୀତ ଶିଖିବାକୁ ମନ ବଳାଇଛନ୍ତି। କଥା କ'ଣ କି ନିକଟରେ 'ମଲଙ୍ଗ' ସିନେମାର ଏକ ଗୀତର ଶୁଟିଂ ଚାଲିଥାଏ। ତାଙ୍କୁ ନେଇ ଦୃଶ୍ୟାୟନ କରାଯାଉଥିବା ଏହି ଗୀତର ବ୍ରେକ ସମୟରେ ସେ ଗୁଣୁଗୁଣୁ ହୋଇ ଏହି ଗୀତ 'ହୁଇ ମଲଙ୍ଗ' ଗାଉଥିଲେ। ଏହା ଦେଖି ଏହି ଫିଲ୍ମର ସ୍ୱର ସଂଯୋଜକ ବେଦ ଶର୍ମା ତାଙ୍କୁ ଗୀତ ଗାଇବାକୁ ପରାମର୍ଶ ଦେଇଥିଲେ। ବାସ୍, ତା'ପରେ ତାଙ୍କର ଖୁସି ଦେଖେ କିଏ ? କେମିତି ଗୀତ ଶିଖିବେ ସେ ନେଇ ସେ ବେଦ୍‌ଙ୍କ ପିଛା ଛାଡି ନ ଥିଲେ। ତେବେ ଦିଶା ନାୟିକା ସହ ଗାୟିକା କେବେ ହେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।

# ଇମୋଶନାଲ ଟାଇଗର

ବଲିଉଡ୍‌ର ୟଙ୍ଗ ସନ୍‌ସେସନ ଟାଇଗର ଶ୍ରଫଙ୍କୁ ନେଇ ଏବେ ଚର୍ଚ୍ଚା। ଆକ୍ସନ ଶଟ୍ ଦେବା ସମୟରେ ସେ ଏମିତି ଇମୋଶନାଲ ହୋଇଗଲେ ଯେ ତାଙ୍କ ଆଖିରୁ ଦୁଇ ଟୋପା ଆନନ୍ଦାଶ୍ରୁ ଗଡ଼ିପଡିଲା। ଏପରି ଏକ ଘଟଣା ନିର୍ମାଣାଧୀନ ହିନ୍ଦୀ ସିନେମା 'ବାଗୀ-୩'ର ଶୁଟିଂ ସେଟ୍‌ରେ ଘଟିଥିଲା। ଏଥିରେ ଟାଇଗର ଜଣେ ସଚ୍ଚୋଟ ଦେଶପ୍ରେମୀ ଭୂମିକାରେ ଅଭିନୟ କରୁଛନ୍ତି। ଶଟ୍ ଦେବାକୁ ଯେତେବେଳେ ସେ ହାତରେ ରାଇଫଲ୍ ଧରି ଟ୍ୟାଙ୍କ ନିକଟରେ ପହଞ୍ଚିଲେ ସେତେବେଳେ ଟାଇଗର କାନ୍ଦି ପକାଇଥିଲେ। ପରେ ସାଧାରଣ ଅବସ୍ଥାକୁ ଆସି ଶଟ୍ ଦେଇଥିଲେ। ଶୁଟିଂ ପରେ ସେ ଏ ନେଇ ନିଜ ମନ କଥା କହିବାକୁ ପଛାଇ ନ ଥିଲେ। ସେ କହିଥିଲେ ଯେ, ଯେତେବେଳେ ମୁଁ ଟ୍ୟାଙ୍କ ନିକଟରେ ପହଞ୍ଚିଲି ସେତେବେଳେ ମୋ ମନରେ ଦେଶପ୍ରେମ ଦ୍ୱିଗୁଣିତ ହୋଇଯାଇଥିଲା। ଦେଶ କଥା ମୋତେ ଭାବବିହ୍ୱଳ କରିଦେଲା। ମୁଁ ଏତେ ଖୁସି ହୋଇଯାଇଥିଲି ଯେ ଖୁସିରେ ମୋ ଆଖିରୁ ଦୁଇଟୋପା ଲୁହ ଗଡ଼ି ପଡିଥିଲା।' ସେ ନିଜର ଏହି ଫଟୋକୁ 'ଏଗନେଷ୍ଟ ହିଜ୍ ଷ୍ଟ୍ରଙ୍ଗେଷ୍ଟ ଏନମି' ନାମକ କ୍ୟାପସନ ସହ ସୋସିଆଲ ମିଡିଆରେ ଶେୟାର କରିଛନ୍ତି, ଯାହା ଏବେ ଭାଇରାଲ ହୋଇଛି। ନାଦିୱାଦୱାଲା ଗ୍ରାଣ୍ଡସନ୍ ପ୍ରଯୋଜନାରେ ଏବଂ ଅହମ୍ମଦ ଖାଁଙ୍କ ନିର୍ଦ୍ଦେଶନାରେ ଏହାର ଶୁଟିଂ ଚାଲୁ ରହିଛି। ଫିଲ୍ମରେ ଟାଇଗରଙ୍କ ଅପୋଜିଟ୍‌ରେ ଅଛନ୍ତି ଶ୍ରଦ୍ଧା କପୁର ଏବଂ ଏହା ଚଳିତବର୍ଷ ମାର୍ଚ୍ଚ ୬ରେ ପରଦା ଉପରକୁ ଆସିବ।



ଟାଇଗର-ଶ୍ରଦ୍ଧା

# ମାପିଚୁପି ଚାଲିବେ ଅନନ୍ୟା

ହିନ୍ଦୀ ସିନେମାରେ ଏଣ୍ଟ୍ରି କରିବାର ବର୍ଷ ହିଁ କେଇଟା ହୋଇଛି। ଆରମ୍ଭରୁ ନିଜ କ୍ୟାରିୟରକୁ ନେଇ ସେ ବେଶ୍ ସଚେତନ। ଏବେ ତରତର ହେବାର ଆଦୌ ଆବଶ୍ୟତକା ନାହିଁ, ତେଣୁ ମାପିଚୁପି ଚାଲିବାକୁ ମାଇଣ୍ଡ ମେକଅପ କରିସାରିଲେଣି। ହଁ, ସେ ନାୟିକା ଜଣକ ହେଉଛନ୍ତି ଅନନ୍ୟା ପାଣ୍ଡେ। କରନ୍ ଜୋହରଙ୍କ ପ୍ରଯୋଜିତ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରୁ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ନିଜ କ୍ୟାରିୟର ସମ୍ପର୍କରେ ଅନନ୍ୟା କହନ୍ତି, 'ବର୍ତ୍ତମାନ ମୋ କ୍ୟାରିୟର ଆରମ୍ଭ ହେଉଛି। ତେଣୁ ତରତର ହେବାର ଆବଶ୍ୟକତା ନାହିଁ। ଏଣୁତେଣୁ ଗୁଡାଏ ଫିଲ୍ମରେ ଆକ୍ଟିଂ କରିବା ଅପେକ୍ଷା ହାତଗଣତି ଫିଲ୍ମରେ ଅଭିନୟ କଲେ କ୍ଷତି କ'ଣ ? ତେଣୁ କୌଣସି ଅଫର ମିଳିଲେ ତାହାକୁ ମୁଁ ଭଲ ଭାବରେ ତର୍ଜମା କରିବା ପରେ ହିଁ ନିଷ୍ପତ୍ତି ନେବି।' ତେବେ ନିଜର ଏଭଳି କଥାରେ ସେ କେତେଦିନ ଦୃଢ଼ ରହୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ଅନନ୍ୟା

## ପ୍ରଥମ ରୋଜଗାର



# ପ୍ରଥମ ଦରମା ଟଙ୍କା ମା'ଙ୍କୁ ଦେଇଥିଲି

**ଶିକ୍ଷାବିତ୍, ନାଟ୍ୟକାର, ସମାଲୋଚକ, ଦାର୍ଶନିକ ଡ.ଅଭିମନ୍ୟୁ ଜେନା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡ଼ଝାଡ଼ ଗାଁରେ ମୋର ଜନ୍ମ। ନାରାୟଣ ବିଦ୍ୟାପୀଠରୁ ଏକାଦଶ ଶ୍ରେଣୀ ପାସ୍ କରି ଗୋଦାବରୀଶ ମହାବିଦ୍ୟାଳୟରେ ଆଇ.ଏ. ଓ ଓଡ଼ିଆ ଅନର୍ସ ରଖି ବି.ଏ. ପଢିଥିଲି। ତା'ପରେ ବ୍ରହ୍ମପୁର ୟୁନିଭର୍ସିଟିରେ ପି.ଜି. କଲି। ପି.ଜି.ରେ ମୁଁ ଗୋଲ୍ଡ ମେଡାଲ୍ ବି ପାଇଥିଲି। ଏହାପରେ ମୋତେ ଜୟଦେବ କଲେଜ, ଭୁବନେଶ୍ୱରରେ ଓଡ଼ିଆ ଅଧ୍ୟାପକ ଭାବେ କାମ କରିବାର ସୁଯୋଗ ମିଳିଥିଲା। ହେଲେ ଅଳ୍ପ କିଛିଦିନ ପରେ ଅଞ୍ଚଳବାସୀଙ୍କ ଅନୁରୋଧ କ୍ରମେ ସେଠାରୁ ଚାକିରି ଛାଡି ନିଜ ଅଞ୍ଚଳରେ ଏକ କଲେଜ କରିବାକୁ ନିଷ୍ପତ୍ତି ନେଇଥିଲି। କାରଣ ଆମ ଅଞ୍ଚଳରେ ସେତେବେଳେ ଉଚ୍ଚଶିକ୍ଷା ପାଇଁ କୌଣସି କଲେଜ ନ ଥିଲା। ଯେଉଁମାନେ କଲେଜରେ ପଢ଼ିବାକୁ ଚାହୁଁଥିଲେ ସେମାନଙ୍କୁ ବହୁ କଷ୍ଟରେ ଚିଲିକା ପାର୍ ହୋଇ ଯିବାକୁ ପଡୁଥିଲା। ତେଣୁ ଏ ସମସ୍ୟାର ସମାଧାନ କରିବା ପାଇଁ ଗାଁ ଲୋକଙ୍କ ସହାୟତାରେ କୃଷ୍ଣପ୍ରସାଦ ବ୍ଲକରେ ରୁକ୍ମିଣୀ ଦେବୀ ଚିଲିକା ମହାବିଦ୍ୟାଳୟ ଗଢ଼ି ଉଠିଲା, ଯାହାର ଅଧ୍ୟକ୍ଷ ଦାୟିତ୍ୱ ମୁଁ ସମ୍ଭାଳିଥିଲି। ଏହିଠାରୁ ମୋତେ ପ୍ରଥମ ମାସ ୫୦୦ ଟଙ୍କା ପାରିଶ୍ରମିକ ମିଳିଥିଲା, ଯାହା ଥିଲା ମୋ ଜୀବନର ପ୍ରଥମ ରୋଜଗାର। ଏହି ଟଙ୍କାଟି ପାଇବା ପରେ ଖୁସିରେ ମା' ହାତରେ ନେଇ ଦେଇଥିଲି। ପ୍ରାୟ ୧୭ ବର୍ଷ ଏହି କଲେଜରେ ଅଧ୍ୟକ୍ଷ ପଦବୀରେ ରହିବା ପରେ ଗ୍ରାମ୍ୟ ବିବାଦକୁ ନେଇ ପରିଚାଳନା କମିଟିରେ ସମସ୍ୟା ଦେଖାଦେବାରୁ ଅସନ୍ତୋଷ ପ୍ରକାଶ କରି ମୁଁ ଅଧ୍ୟକ୍ଷ ପଦରୁ ଓହରି ଯାଇଥିଲି। ଅବଶ୍ୟ ତା' ଭିତରେ ମୁଁ 'ଯୁଗ ଯନ୍ତ୍ରଣାର ଶିଳ୍ପୀ କାର୍ତ୍ତିକ ଚନ୍ଦ୍ର ରଥ ଏବଂ ତାଙ୍କ ନାଟକରେ ଜୀବନ ଚେତନା' ନାମକ ବିଷୟ ଉପରେ ଥେସିସ୍ ଲେଖି ପିଏଚ୍.ଡି ଡିଗ୍ରୀ ହାସଲ କରିସାରିଥିଲି। ଚାକିରି ଛାଡିବା ପରେ ଭୁବନେଶ୍ୱରସ୍ଥ ଏକ ବେସରକାରୀ ଶିକ୍ଷାନୁଷ୍ଠାନରେ ଡେପୁଟି ଡାଇରେକ୍ଟର ଭାବେ କିଛିଦିନ କାମ କରିବା ପରେ ପୁଣି ଚାକିରି ଛାଡି ବ୍ରହ୍ମପୁରରେ ନିଜର ଏକ ଘରୋଇ ଶିକ୍ଷାନୁଷ୍ଠାନ ଗଢିଲି, ଯେଉଁଠାରେ ଯୁକ୍ତ ଦୁଇ, ଯୁକ୍ତ ତିନି ବିଜ୍ଞାନ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାଗ୍ରହଣ ନିମନ୍ତେ ସମସ୍ତ ସୁବିଧା ଉପଲବ୍ଧ ଅଛି। ତେବେ ମୁଁ ଏହି ଶିକ୍ଷାନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ରହିବା ସଙ୍ଗେ ସଙ୍ଗେ ୟା'ଭିତରେ ଅନେକ ନାଟକ, ଯାତ୍ରା, ସମାଲୋଚନା ଭିତ୍ତିକ ଲେଖା ବି ଲେଖିସାରିଲିଣି। ଏକାଦଶ ଶ୍ରେଣୀରେ ପଢିଲା ବେଳୁ ଲେଖାଲେଖିର ଧାରା ମୋର ଆରମ୍ଭ ହୋଇଥିଲା। 'ଝଡ଼ର ପରିଧି' ଥିଲା ମୋ ଲିଖିତ ପ୍ରଥମ ନାଟକ। ପୂର୍ଣ୍ଣାହୁତି, ଧବଳ ପିକ, ମନ ଓ ମନନ, ବରଂ ନିବାସ ଭଲ ରଣ କ୍ଷେତ୍ରରେ, ଅସମର୍ଥ ସିଦ୍ଧାର୍ଥମାନେ ଇତ୍ୟାଦି ହେଉଛି ମୋର ଅନ୍ୟ କେତେକ ପ୍ରମୁଖ ନାଟକ। ସେହିପରି ଶୃଙ୍ଖଳା ନଈର ଝାଉଁଳା କଇଁ, ଆଦର୍ଶର ପୂଜା ଫାଶୀଖୁଣ୍ଟରେ, ମୋ ଠିକଣା ମୋତେ ଅଜଣା ଇତ୍ୟାଦି ହେଉଛି ମୋ ଲିଖିତ କେତୋଟି ପ୍ରମୁଖ ଯାତ୍ରା ନାଟକ, ଯାହା ବିଭିନ୍ନ ମଞ୍ଚରେ ପରିବେଷିତ ହୋଇ ଦର୍ଶକଙ୍କର ପ୍ରଶଂସା ସାଉଁଟି ସାରିଛି। ତା'ଛଡ଼ା 'ମା' କାଳିଜାଈ' ନାମକ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ଓ 'ଆଇ ମିସ୍ ୟୁ'ନାମକ ଏକ ଟେଲି ଫିଲ୍ମର କାହାଣୀ ଲେଖିବା ସହ ତା'ର ଚିତ୍ରନାଟ୍ୟ ଓ ସଂଳାପ ରଚନା ବି ମୁଁ କରିଛି। ଏସବୁ ବ୍ୟତୀତ ଝଡ଼ର ପରିଧି, ଧୂପଛାୟା, ବିଜ୍ଞାନ ଯୁଗରେ ସାହିତ୍ୟର ଭୂମିକା, ନିତ୍ୟ ସୁଖ ପାଇଁ ନୀତି ବିଜ୍ଞାନ, ମନ ନିୟନ୍ତ୍ରଣ ଓ ଚାପ ମୁକ୍ତିର ଉପାୟ ନିରୂପଣ, ବିଦ୍ୟାର୍ଥୀଙ୍କ ସମସ୍ୟା ଓ ତା'ର ସମାଧାନ, ଅର୍ଦ୍ଧ ଶତାବ୍ଦୀର ଓଡ଼ିଆ ସାହିତ୍ୟରେ କବି ମାୟାଧର ମାନସିଂହ, ଚିଲିକା ଓ ଶ୍ରୀଜଗନ୍ନାଥ ଇତ୍ୟାଦି ପୁସ୍ତକ ବି ମୋର ପ୍ରକାଶିତ ହୋଇସାରିଛି। ଆଉ ଏ ସମସ୍ତ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୋତେ ତରୁଣ ନାଟ୍ୟକାର, ନାଟ୍ୟ ଭୂଷଣ, ନାଟ୍ୟ ମୁନି ଭରତ, ମାନସିଂହ ସମ୍ମାନ ଆଦି ବି ମିଳିସାରିଛି। ଭଗବାନଙ୍କ ଆଶୀର୍ବାଦରୁ ସବୁ କିଛି ଠିକ୍‌ଠାକ୍ ଚାଲିଛି ଆଉ ଆଗକୁ ବି ଏମିତି ଚାଲୁ ବୋଲି ଆଶା କରୁଛି।

# ଫୁଲେଇ ରାଧିକା ଭାରି ସିଆଣି, ଚାହାଣିରେ ନେଲା ମନକୁ କିଣି

**ପ୍ରଶ୍ନ**–ତାହାର ଚୋରା ଚାହାଣି ମୋତେ ଘାଇଲା କଲା। ସେ ମୋତେ ଭଲ ପାଉଛି କି ନାହିଁ ତାହା ତ ଜାଣିନି। ହେଲେ ମୋ ମନ ତା' ପାଖରେ ବନ୍ଧା ପଡିଯାଇଛି। କ'ଣ କରିବି ?

*–ଆଶୁତୋଷ ବାରିକ, ବଲାଙ୍ଗୀର*

**ଉତ୍ତର:** ଝିଅଙ୍କ ଚାହାଣିରେ ଅନେକ କଥା ଲୁଚି ରହିଥାଏ। ପ୍ରେମର ପ୍ରଥମ ପରିଭାଷାର ଝଲକ ମଧ୍ୟ ସେଠାରେ ଥାଏ। ହେଲେ ମଗଜ ଖଟାଇ ତାକୁ ପଢ଼ିବାର ଅଛି। ସେହି ମନର ରାଧିକା କେତେବେଳେ ଆପଣଙ୍କ ମନରେ ଘର କରିବ, ତାହା କଳ୍ପନା କରିପାରିବେ ନାହିଁ। ଆପଣ କହୁଛନ୍ତି ଯେ, ସେହି ସୁନ୍ଦରୀ ନିକଟରେ ଆପଣଙ୍କ ମନ ବନ୍ଧାପଡିଛି। ଅର୍ଥାତ୍, 'ଫୁଲେଇ ରାଧିକା ଭାରି ସିଆଣି, ଚାହାଣିରେ ନେଲା ମନକୁ କିଣି।' ହେଲେ ତାହାର ଚାହାଣି, ଭାବଭଙ୍ଗୀକୁ ପଢ଼ି ଆପଣ କିଛି ଜାଣିପାରିଲେ ନାହିଁ। ଥଣ୍ଡା ମିଜାଜ୍‌ରେ ତା' ମନକୁ ଅନୁଧ୍ୟାନ କରନ୍ତୁ। ହୁଏତ ତା' ପଟରୁ ଆସିଥିବା ପ୍ରେମର ସୁରାକ ଆପଣଙ୍କୁ ନିଶ୍ଚୟ ମିଳିଯାଇପାରେ।

**ପ୍ରଶ୍ନ**–ଶାଳୀ ଗାଳି କାଳେ ଭାରି ମିଠା ଲାଗେ। ଏ କଥା କ'ଣ ସତ ?

*–ପ୍ରଦୀପ ଦାସ, ଯାଜପୁର*

**ଉତ୍ତର:** ଆପଣ ବିବାହିତ କି ? ଯଦି ହଁ, ଆଉ ଆପଣଙ୍କର ଶାଳୀ ଅଛନ୍ତି ଆଉ କେବେ ଗାଳି ଖାଇବାର ସୁଯୋଗ ମିଳିଛି ତେବେ ତାହାର ସ୍ୱାଦ କିପରି ନିଶ୍ଚୟ ଜାଣିଥିବେ। କଥାରେ ପରା ଅଛି–'ଶାଳୀ, ହୋଇଥାଉ ପଛେ କାଳୀ, ମିଠା ଲାଗେ ତା'ର ଗାଳି, ସତେଯେମିତି ଚନ୍ଦନ ଲେପନ ପରି'। ବାସ୍, ଏଥର ଅନୁମାନ କରନ୍ତୁ ଶାଳୀ ଗାଳି ଖଟା ନା ମିଠା !

**ପ୍ରଶ୍ନ**–ଜଣେ ଝିଅ ମୋତେ ଦେଖିଲେ ଚୁପ୍‌ଚାପ୍ ରହୁଛି। ମୋତେ କଣେଇ କଣେଇ ଚାହୁଁଛି। ତାକୁ ଥରେ ଦେଖି ମୁଁ ହସିଦେଲି। ସେ ମଧ୍ୟ ମୁରୁକି ହସି ଚାଲିଗଲା। ତାକୁ କେମିତି ପ୍ରପୋଜ୍ କରିବି ଜାଣିପାରୁନାହିଁ।

*–ସୁବୋଧ ରାଉତ, ବରଗଡ଼*

**ଉତ୍ତର:** ପ୍ରପୋଜ୍ କରିବାର ବେଳକାଳ ସବୁବେଳେ ଆସେ ନାହିଁ। ମଉକା ଦେଖି ଚାନ୍ସ ମାରିନେବାର ଅଛି। ସେ ଝିଅ ଆପଣଙ୍କୁ ଦେଖିଲେ ମୁରୁକି ହସୁଛି ଅର୍ଥ ତା' ମନ ଭିତରେ ଆପଣଙ୍କ ପ୍ରେମର ଘଣ୍ଟି ବାଜୁଛି। ତେଣୁ ସମୟ ଦେଖି ତାକୁ ନିଜ ମନକଥା କହିଦିଅନ୍ତୁ। ଯେତେ ଡେରି କରିବେ ଚାନ୍ସ ହାତଛଡ଼ା ହେବାର ସମ୍ଭାବନା ରହିଛି। ଏମିତି ତୀର ମାରନ୍ତୁ ଯେମିତି ନିଜର ଆଶା ଏକାଥରେ ପୂରଣ ହେବ।

**ପ୍ରଶ୍ନ**–ପ୍ରେମର ପହିଲି ପର୍ବରେ ପୁଅ ନା ଝିଅ–କିଏ ଆଗ ପ୍ରପୋଜ୍ କରିଥାଏ ?

*–ସୁନୀଲ କୁମାର, ପୁରୀ*

**ଉତ୍ତର:** ଆପଣଙ୍କ ମନ ପ୍ରେମ କରିବାକୁ ବୋଧେ କୁଲୁ କୁଲୁ ହେଲାଣି। ପ୍ରେମ ଆରମ୍ଭ ପୂର୍ବରୁ କିଏ ପ୍ରପୋଜ୍ କଲା ତାହା ବଡ଼ କଥା ନୁହେଁ। ଯଦି ଏହାପୂର୍ବରୁ ମନରେ ମନ ଠିକ୍ ଭାବେ ମିଶିଯାଇଛି ତେବେ କିଛି ପରବାୟ ନାହିଁ। କାରଣ ପ୍ରେମର ପହିଲି ସ୍ପର୍ଶରେ ମନ ଏମିତି ପୁଲକିତ ହୋଇଯାଏ ଯେ ପୁଅ ହେଉ କି ଝିଅ–କିଏ କାହାକୁ ପ୍ରଥମେ ପ୍ରପୋଜ୍ କରେ ଜଣାପଡ଼ି ନ ଥାଏ। ଯଦି ଆପଣ ସୁଯୋଗ ପାଉଛନ୍ତି ତେବେ ପ୍ରପୋଜ୍ କରିବାକୁ ଆଦୌ ଡେରି କରନ୍ତୁ ନାହିଁ। ହୁଏତ ଆପଣଙ୍କ ପରି ଆଉ କେହି ସେକଥା ଚିନ୍ତା କରୁଥାଇପାରେ। ଆଉ ସୁଯୋଗ ମିଳିଲେ ସେ ମଧ୍ୟ ଆପଣଙ୍କ ମନର ମାନସୀକୁ ନିଜ ମନ କଥା କହିଦେଇପାରେ। ତେଣୁ ଶୁଭଶ୍ୟ ଶୀଘ୍ରମ୍। ନା କ'ଣ କହୁଛନ୍ତି !



# ରେଡିଓ ମେଳା



ସୁବ୍ରତ କୁମାର ପତି

**ବିଭିନ୍ନ ପ୍ରକାର ନୂଆ ଓ ପୁରୁଣା ରେଡିଓକୁ ଗୋଟିଏ ମଞ୍ଚରେ ଦେଖିଲେ ଦର୍ଶକଙ୍କ ମନରେ ଅତୀତର ସ୍ମୃତି ମନେପଡ଼ିଯାଏ। ତେବେ ପୁରୁଣାଦିନର ରେଡିଓ ହଜିବାକୁ ବସିଥିବାବେଳେ ଓଡ଼ିଶାରେ ନିଆରାଭାବେ ଆୟୋଜିତ ହୋଇଥାଏ ଅନ୍ତର୍ଜାତୀୟ ରେଡିଓ ମେଳା...**

**ରେଡିଓ ମେଳାର ଆୟୋଜକ–** ଭୁବନେଶ୍ୱର ଠାରେ ଆଉଟରିଚ୍ ତରଫରୁ ବିଶ୍ୱ ରେଡିଓ ଦିବସ ଅବସରରେ ୬ଷ୍ଠବର୍ଷ ଅନ୍ତର୍ଜାତୀୟ ରେଡିଓ ମେଳାର ଆୟୋଜକ ସୁବ୍ରତ କୁମାର ପତି କୁହନ୍ତି, ମୋ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକର ଶ୍ରୀରାମପୁର ଗାଁରେ । ପିଲାଟି ଦିନରୁ ପାଠପଢ଼ା ସହିତ ରେଡିଓ ଶୁଣିବାକୁ ଖୁବ୍ ଅଝଟ ହେଉଥିଲି। ରେଡିଓରୁ ଗପ, ନାଟକ, ଖବର ଆଦି ଶୁଣିବା ମୋର ପସନ୍ଦ ଥିଲା। ୧୯୯୯ ମହାବାତ୍ୟା ପରେ ଘରକୁ ବାପା ଆଣିଥିବା ରେଡିଓଟିକୁ ନିଜର ବନ୍ଧୁବୋଲି ମନେକରୁଥିଲି। ଏମିତିରେ ୨୦୦୫ ମସିହାରେ ଭୁବନେଶ୍ୱର ଆସି ସାମ୍ବାଦିକତା ଓ ଗଣଯୋଗାଯୋଗ ପାଠପଢିଲି । ପରେ ୨୦୦୭ରେ ରେଡିଓ ଜକି ଭାବେ ଏକ ଘରୋଇ ରେଡିଓ ଷ୍ଟେଶନରେ କାର୍ଯ୍ୟକଲି । ସମୟକ୍ରମେ ଆକାଶବାଣୀ, ଏଫଏମ ରେଡିଓ, କମ୍ୟୁନିଟି ରେଡିଓ, ବିବିସି ଆଦି ବେତାରକେନ୍ଦ୍ରରେ କାର୍ଯ୍ୟ କରିବାର ଅନୁଭୂତି ରହିଛି। ୨୦୧୪ମସିହା ବିଶ୍ୱ ରେଡିଓ ଦିବସ ଅବସରରେ ପ୍ରାୟ ୨ଶହ ଜଣ ରେଡିଓପ୍ରେମୀ ଶ୍ରୋତା, ଉପସ୍ଥାପକ ଓ କଳାକାରମାନେ ଏକାଠି ହୋଇଥିଲୁ। ଏଇ ଠାରୁ ହିଁ ପରିକଳ୍ପନା କରିଥିଲି ରେଡିଓ ମେଳାଟିଏ କରିବା ପାଇଁ । ପରେ ୨୦୧୫ରେ ହାତଗଣତି କେତୋଟି ରେଡିଓ ଷ୍ଟେଶନର ପରିଚାଳକ, ଆର.ଜେ, ଉପସ୍ଥାପକଙ୍କୁ ନେଇ ଏକ ରେଡିଓ ମେଳା ଆରମ୍ଭ କରିଥିଲୁ। ସେବେ ଠାରୁ ପ୍ରତିବର୍ଷ ଏହି ମେଳାର କଳେବର ବୃଦ୍ଧି ପାଉଛି। ଏଥିରେ ଦେଶବିଦେଶର ବିଭିନ୍ନ ରେଡିଓ ସଂସ୍ଥାର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ରେଡିଓର ଲୋକପ୍ରିୟତା, ଏହାର ଭବିଷ୍ୟତ ଓ ଜନସେବା ସମ୍ପର୍କରେ ଜନସଚେତନତାର ବାର୍ତ୍ତା ଦେଇଥାନ୍ତି।

**ଦେଶ ବିଦେଶର ରେଡିଓ ଠିକଣା ମିଳେ**–ଏହି ମେଳାରେ ସୁଦୂର ଜାପାନ, ଆମେରିକା ଓ ବାଂଲାଦେଶ ଆଦି ଦେଶବିଦେଶର ରେଡିଓ ଷ୍ଟେଶନ ଯୋଗଦେଇଥାନ୍ତି। ବିଭିନ୍ନ ଭାରତୀୟ ରେଡିଓ ଚ୍ୟାନେଲ ମଧ ଏଠାରେ ନିଜର ଷ୍ଟଲ ଖୋଲିଥାନ୍ତି। ବିଶେଷକରି ତ୍ରିପୁରା, ଆସାମ, ଛତିଶଗଡ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ପଶ୍ଚିମବଙ୍ଗ, ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଉତ୍ତରପ୍ରଦଶ ଓ ଦିଲ୍ଲୀ ଆଦି ସ୍ଥାନର ରେଡିଓପ୍ରେମୀଙ୍କୁ ଭେଟିପାରିବେ।

**ନୂତନ ରେଡିଓ ଷ୍ଟେଶନ ପାଇଁ ପରାମର୍ଶ–** ଏଥର ଅନ୍ତର୍ଜାତୀୟ ରେଡିଓ ମେଳାରେ ବିଭିନ୍ନ ରାଜ୍ୟର ଲାଇସେନ୍ସପ୍ରାପ୍ତ ହାମ୍‌ରେଡିଓ ଅପରେଟର ସାମିଲ ହେବେ ।ଏମାନେ ହାମ୍ ରେଡିଓ ସମେତ ଏମରଜେନ୍ସି ରେଡିଓ ପ୍ରଦର୍ଶନୀ କରିବେ । ଆଗ୍ରହୀ ସଂଗଠନମାନଙ୍କୁ କମ୍ୟୁନିଟି ରେଡିଓ ଷ୍ଟେଶନ ପାଇଁ ପରାମର୍ଶଦେବେ । ତେବେ ଏ ସମ୍ପର୍କିତ ଜ୍ଞାନକୌଶଳ ଓ ପରାମର୍ଶ ଦେଉଥିବା ସଂସ୍ଥା ବେସିଲ୍ ରେଡିଓ ଷ୍ଟଲ ଖୋଲିବ ଯାହା ଫଳରେ ଲୋକେ ଏକ ଡେମୋ ରେଡିଓ ଷ୍ଟୁଡିଓ ଦେଖିପାରିବେ । ଆଗ୍ରହୀ ବ୍ୟକ୍ତି ଓ ସଂସ୍ଥାମାନଙ୍କୁ କମ୍ୟୁନିଟି ରେଡିଓ ଷ୍ଟେଶନ ପାଇଁ ଆବଶ୍ୟକ ସୂଚନା ଓ ପରାମର୍ଶ ଦିଆଯାଇଥାଏ ।

**ରେଡିଓ ପ୍ରଦର୍ଶନୀ–** ଏହି ରେଡିଓ ମେଳାରେ ବହୁ ସଂଖ୍ୟାରେ ନୂଆ ଓ ପୁରୁଣା ରେଡିଓ, ଗ୍ରାମଫୋନ ସହ ହାମ୍‌ରେଡିଓ ଆଦି ସ୍ଥାନ ପାଇଥାଏ। ଏଥିରେ ରେଡିଓ ସଂଗ୍ରାହକମାନେ ଶହଶହ ସଂଖ୍ୟାରେ ରେଡିଓ ପ୍ରଦର୍ଶିତ କରିଥାନ୍ତି।

**ରେଡିଓ ତିଆରି ଓ ବିକ୍ରି–** ବଜାରରେ ସାଧାରଣତଃ ବିଭିନ୍ନ ପ୍ରକାରର ରେଡିଓ ମିଳୁ ନ ଥିବା ବେଳେ ଏହି ରେଡିଓ ମେଳାରେ ରେଡିଓ ତିଆରି ଠାରୁ ଆରମ୍ଭକରି ବିଭିନ୍ନ ପ୍ରକାରର ରେଡିଓ ସେଟ୍‌କୁ ବିକ୍ରି ପାଇଁ ରଖାଯାଇଥାଏ। ଏଠାରୁ ବହୁ ପୁରୁଣା ରେଡିଓକୁ ମଧ ଆପଣ କିଣି ନେଇପାରିବେ ।

**ରେଡିଓ ମେଳାରେ ଉତ୍ସାହ ଓ ପ୍ରୋତ୍ସାହନ–** ରେଡିଓ ମେଳାରେ ଶିକ୍ଷାର୍ଥୀଙ୍କ ପାଇଁ ଖବର ପଠନ, ଆର.ଜେ, ଫ୍ୟାଶନ ଶୋ, ନୃତ୍ୟ ଓ ସଙ୍ଗୀତ, ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା ସହ ସମ୍ବର୍ଦ୍ଧିତ କରାଯାଇଥାଏ। ରେଡିଓରେ କ୍ୟାରିୟର କରିବାକୁ ଚାହୁଁଥିବା ଯୁବତୀ ଯୁବକ ମାନଙ୍କୁ ବି ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ କରାଯାଇଥାଏ। ଚଳିତମାସ ୧୩ ଓ ୧୪ ତାରିଖରେ ଭୁବନେଶ୍ୱରର ଭଞ୍ଜକଳା ମଣ୍ଡପରେ ଆୟୋଜିତ ଅନ୍ତର୍ଜାତୀୟ ରେଡିଓ ମେଳାରେ ୨୦୧୯ ପାଇଁ ଆର୍‌ଜେ କାର୍ତ୍ତିକଙ୍କୁ ଲୋକପ୍ରିୟ ରେଡିଓ ପ୍ରସାରକ, ପଶ୍ଚିମବଙ୍ଗର ସିଦ୍ଧାର୍ଥ ଭଟ୍ଟାଚାର୍ଯ୍ୟଙ୍କୁ ଶ୍ରେଷ୍ଠ ଶ୍ରୋତା ଓ ଆସାମର 'ରେଡିଓ ବ୍ରହ୍ମପୁତ୍ର'କୁ ଶ୍ରେଷ୍ଠ କମ୍ୟୁନିଟି ରେଡିଓ ସମ୍ମାନରେ ସମ୍ମାନିତ କରାଯିବ ବୋଲି ସୁବ୍ରତ କୁମାର ପତି କହିଛନ୍ତି।

**ରେଡିଓର ଜନସୂଚନା ସେବା**–ଦିନଥିଲା ସକାଳ ହେଉ କି ସନ୍ଧ୍ୟା ସବୁବେଳେ ସବୁ ସମୟରେ ଗାଁରୁ ସହର ଚାରିଆଡ଼େ ରେଡିଓର ଚାହିଦା ଥିଲା। ଆକାଶବାଣୀର ଅବସରପ୍ରାପ୍ତ ଅନୁଚିନ୍ତା ଉଦ୍‌ଘୋଷକ ଶଙ୍କର୍ଷଣ ମଙ୍ଗରାଜ କୁହନ୍ତି, ରେଡିଓର ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମକୁ ନିର୍ଦ୍ଦିଷ୍ଟ ଶ୍ରୋତା ହିଁ ଶୁଣିବାକୁ ଅପେକ୍ଷାକରିଥାନ୍ତି । ବିଦ୍ୟୁତ୍ ସରବରାହ ବ୍ୟାଘାତ ହେଉ କି ପ୍ରାକୃତିକ ବିପର୍ଯ୍ୟୟ ଆଦି ସମୟରେ ରେଡିଓ ସୂଚନା ଦେଇଚାଲିଥାଏ। ବ୍ୟାଟେରିରୁ ଶକ୍ତି ଗ୍ରହଣ କରିଥିବାରୁ ଅନ୍ଧାରରେ ବି ଲୋକଙ୍କୁ ସୂଚନା ଦେଇଥାଏ। ଆଜିକାଲି ମୋବାଇଲରୁ ବି ବିଭିନ୍ନ ରେଡିଓର କାର୍ଯ୍ୟକ୍ରମ ଶୁଣିବାକୁ ମିଳେ।

–ବନବିହାରୀ ବେହେରା














ବବ୍ଲୁ-ବୈଶାଳୀ

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ- କୁମାର ଶରତ, ଧରିତ୍ରୀ**

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### କାଟିଦିଅ


ଜଣେ ଟେଲର ବସ୍‌ରେ ଯାଉଥାଆନ୍ତି। ସେତେବେଳେ ଗୋଟେ ଫୋନ୍ କଲ୍ ଆସିଲା। ଆଉ ଫୋନ୍ ଉଠାଇ- ତୁ ହାତ କାଟିକି ରଖ। ମୁଁ ଗଲେ ବେକ କାଟିବି।
ଏହା ଶୁଣି ପୂରା ବସ୍ ଖାଲି ହୋଇଗଲା।

### ବଞ୍ଚାଇବେ

ଶ୍ୟାମ ମୁନାକୁ- ଯଦି ଥରେ ଏକ ବାଘ ତୁମ ସ୍ତ୍ରୀ ଓ ମା' ଉଭୟଙ୍କୁ ଆକ୍ରମଣ କରେ, ତେବେ ଆପଣ କାହାକୁ ବଞ୍ଚାଇବେ ?
ମୁନା- ଏଇଟା କ'ଣ ପଚାରିବା କଥା। ନିଶ୍ଚିତଭାବେ ବାଘକୁ। କାରଣ ବାଘ ଏବେ ଏକ ବିଲୁପ୍ତପ୍ରାୟ ପ୍ରାଣୀ।

### ସ୍ୱପ୍ନ

ଗୋଲୁ ମୋଲୁକୁ- ମୁଁ କାଲିରାତିରେ ସ୍ୱପ୍ନ ଦେଖିଲି ଭାରତ ପକ୍ଷରୁ ମତେ ମହାକାଶକୁ ପଠାଯାଇଛି।
ମୋଲୁ- ତତେ ତ ପଠାଇବାର ହିଁ ଥିଲା। କାହିଁକି ନା ମହାକାଶକୁ ପରୀକ୍ଷଣ ପାଇଁ କେବଳ ଜୀବଜନ୍ତୁଙ୍କ ପଠାଯାଏ ନା।





# ପବିତ୍ର ତୀର୍ଥଭୂମି
# ପର୍‌ଭଣୀ

**ମହାରାଷ୍ଟ୍ରସ୍ଥିତ ପର୍‌ଭଣୀ ହେଉଛି ଏମିତି ଏକ ସ୍ଥାନ, ଯେଉଁଠାରେ ଅନେକ ଦେବଦେବୀ ମନ୍ଦିର ଦେଖିବାକୁ ମିଳିଥାଏ। ଖାସ୍ ସେଥିପାଇଁ ଏଠାରେ ବର୍ଷସାରା ଭକ୍ତଗଣଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ...**

ମହାରାଷ୍ଟ୍ରର ପର୍‌ଭଣୀ ଜିଲା ଅନ୍ତର୍ଗତ ଏକ ସହର ହେଉଛି ପର୍‌ଭଣୀ। ଏହା ମହାରାଷ୍ଟ୍ରର ରାଜଧାନୀ ମୁମ୍ବାଇଠାରୁ ପ୍ରାୟ ୪୯୧ କି.ମି ଏବଂ ଔରଙ୍ଗାବାଦ୍‌ଠାରୁ ପ୍ରାୟ ୨୦୦ କି.ମି ଦୂରରେ ଅବସ୍ଥିତ। ପର୍ଯ୍ୟଟନ ଦୃଷ୍ଟିକୋଣରୁ ଦେଖିଲେ ଏଠାରେ ରହିଛି ଅନେକ ଆକର୍ଷଣୀୟ ଦର୍ଶନୀୟସ୍ଥଳୀ। ବିଶେଷକରି ବହୁ ଦେବଦେବୀ ମନ୍ଦିର ବି ଏଠାରେ ରହିଛି, ଯାହାକୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଏଠାକୁ ଧାଇଁ ଆସିଥାନ୍ତି।

## ଇତିହାସ

ଇତିହାସ ପୃଷ୍ଠାରୁ ଯାହା ଜଣାଯାଏ, ପର୍‌ଭଣୀ ବହୁ ବର୍ଷ ଧରି ସୁଲତାନ୍, ମୋଗଲ ତଥା ନିଜାମମାନଙ୍କ ଶାସନାଧୀନ ରହିଥିଲା। ଆଉ ସେତେବେଳେ ଏହି ସ୍ଥାନର କୌଣସି ପ୍ରଗତି ହୋଇ ନ ଥିଲା। ହେଲେ ଯେତେବେଳେ ଏହା ମହାରାଷ୍ଟ୍ର ଅନ୍ତର୍ଭୁକ୍ତ ହେଲା, ଏହାର ଉନ୍ନତି ହେବାକୁ ଲାଗିଲା। ଶିକ୍ଷା, ସଂସ୍କୃତି, ପର୍ଯ୍ୟଟନ ତଥା ବ୍ୟବସାୟ କ୍ଷେତ୍ରରେ ବି ପର୍‌ଭଣୀର ଧୀରେ ଧୀରେ ନାଁ ହେବାକୁ ଲାଗିଲା।

## ନାମକରଣକୁ ନେଇ ଚର୍ଚ୍ଚା

ଅନ୍ୟ ଏକ ସୂତ୍ରରୁ ଜଣାଯାଏ, ପର୍‌ଭଣୀ ପୂର୍ବେ ପ୍ରଭାବତୀ ନଗରୀ ନାମରେ ବେଶ୍ ପରିଚିତ ଥିଲା। କାରଣ ସେତେବେଳେ ଦେବୀ ପ୍ରଭାବତୀଙ୍କର ଅନେକ ମନ୍ଦିର ଏଠାରେ ଦେଖିବାକୁ ମିଳୁଥିଲା। ସ୍ଥାନୀୟ ଲୋକେ ଦେବୀ ପ୍ରଭାବତୀ କହିଲେ ମାତା ଲକ୍ଷ୍ମୀ ଓ ମାତା ପାର୍ବତୀଙ୍କୁ ହିଁ ବୁଝୁଥିଲେ। ତେବେ ସମୟକ୍ରମେ ପ୍ରଭାବତୀ ନଗରୀ ଅପଭ୍ରଂଶ ହୋଇ ଲୋକମୁଖରେ ପର୍‌ଭଣୀ ନାମରେ ପରିଚିତ ହେବାକୁ ଲାଗିଲା ବୋଲି ଶୁଣିବାକୁ ମିଳିଥାଏ।

## କେବେ ଓ କେମିତି ଯିବେ

ପର୍‌ଭଣୀକୁ ବର୍ଷର ଯେକୌଣସି ସମୟରେ ବୁଲି ଯାଇହେବ। କାରଣ ବର୍ଷସାରା ବୁଲାବୁଲି କରିବା ପାଇଁ ଏଠାକାର ପାଣିପାଗ ବେଶ୍ ଅନୁକୂଳ ରହିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ଭଲ ସୁବିଧା ରହିଛି। ପର୍‌ଭଣୀ ଜଙ୍କଶନ୍ ରେଲୱେ ଷ୍ଟେଶନ ଏଠାକାର ନିକଟତମ ରେଳଷ୍ଟେଶନ ହୋଇଥିବାବେଳେ ଛତ୍ରପତି ଶିବାଜୀ ମହାରାଜ ଇଣ୍ଟର ନ୍ୟାଶନାଲ୍ ଏୟାର୍‌ପୋର୍ଟ ହେଉଛି ଏହାର ନିକଟବର୍ତ୍ତୀ ବିମାନବନ୍ଦର। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେମାନେ ସେଥିରେ ଯାଇ ଆରାମରେ ପରଭଣୀରେ ପହଞ୍ଚିପାରିବେ।





## କ'ଣ ଦେଖିବେ

ପ୍ରାକୃତିକ ସୌନ୍ଦର୍ଯ୍ୟରେଭରା ପର୍‌ଭଣୀରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଦର୍ଶନୀୟ ସ୍ଥାନ। ଖାସ୍ କରି ଏଠାରେ ଅନେକ ଦେବଦେବୀ ମନ୍ଦିର ଦେଖିବାକୁ ମିଳିଥାଏ। ଯେମିତିକି: ଶ୍ରୀ ମୋଟା ମାରୁତି ମନ୍ଦିର, ଶ୍ରୀ ସୁପାରୀ ହନୁମାନ ମନ୍ଦିର, ଜବ୍ରେଶ୍ୱର, ଅଷ୍ଟଭୁଜ ମନ୍ଦିର, ପାରଦେଶ୍ୱର ମନ୍ଦିର, ବେଲେଶ୍ୱର ମନ୍ଦିର, ଶ୍ରୀ ସିଦ୍ଧିବିନାୟକ ଗଣପତି ମନ୍ଦିର, ନାଗରାଜ ମନ୍ଦିର, ମାତା ହିଙ୍ଗୁଳା ଅମ୍ବିକା ମନ୍ଦିର, ମୁଗଲେଶ୍ୱର ମନ୍ଦିର, ପିଙ୍ଗଳେଶ୍ୱର ମନ୍ଦିର ଇତ୍ୟାଦି ଅନ୍ୟତମ। ଏସବୁ ବ୍ୟତୀତ ପର୍‌ଭଣୀର ଅନ୍ୟତମ ଆକର୍ଷଣ ହେଉଛି ତୁରବୁଲ ହକ୍ ଦର୍ଘା। ଏଠାରେ ପ୍ରତିବର୍ଷ ପାଳିତ ହେଉଥିବା ବାର୍ଷିକୋତ୍ସବ ଖୁବ୍ ମନମୁଗ୍ଧକର ହୋଇଥାଏ, ଯାହାକୁ ଦେଖିବା ପାଇଁ ଦେଶର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ଏସବୁ ବ୍ୟତୀତ ପର୍‌ଭଣୀରେ ଅନେକ ଚର୍ଚ୍ଚ ବି ଦେଖିବାକୁ ମିଳେ।





# ବାପା ଚଢେଇ



ଜୀବଜଗତରେ ଅନେକ ଅଜବ ପ୍ରାଣୀ ଅଛନ୍ତି। ସେମିତି ଏକ ପ୍ରାଣୀ ହେଉଛି ଆଫ୍ରିକୀୟ ଜାକାନା ଚଢେଇ। ଏହା ସାଧାରଣତଃ ଆର୍ଦ୍ର ଅଞ୍ଚଳରେ ରହେ। ପାଣି ଉପରେ ତଥା ପାଣିରେ ଭାସମାନ କଇଁ, ପଦ୍ମ ପତ୍ର ଉପରେ ଏହା ଚାଲିପାରେ। ଲମ୍ବା ଲମ୍ବା ପତଳା ଗୋଡ ସାଙ୍ଗକୁ ୭ ସେ.ମି ଲମ୍ବର ପଞ୍ଝା ଯୋଗୁ ପାଣି ଉପରସ୍ଥ ପତ୍ର ଉପରେ ଏମାନେ ଚାଲିପାରନ୍ତି। ଅଧିକାଂଶ ସମୟ ଏହି ଚଢେଇ ପାଣିରେ ରହୁଥିବାରୁ ଏହାକୁ 'ଲିଲି ଟ୍ରଟର୍' ବି କହନ୍ତି। ଏହାବାଦ ଏହି ଚଢେଇ ଏକ ଭଲ ବାପା ମଧ୍ୟ, ଯେକି ଛୁଆଙ୍କ ସୁରକ୍ଷା କବଚ ପାଲଟିଥାଏ। ଆଉ ସେମାନଙ୍କର ସବୁ ଦାୟିତ୍ୱ ବାପା ହିଁ ତୁଲାଇଥାଆନ୍ତି। ବିପଦ ଆସୁଥିବା ଦେଖିଲେ ବାପା ଜାକାନା ପିଲାମାନଙ୍କୁ ନିଜ ଡେଣା ଭିତରେ ଲୁଚାଇ ରଖି ଦିଅନ୍ତି। ପିଲାଙ୍କର ଦେହ ଲୁଚି ଯାଉଥିବାବେଳେ ଗୋଡ ଝୁଲି ରହିଥିବା ଦେଖାଯାଏ। ଯଦ୍ୱାରା ବାପା ଚଢେଇର ଅନେକ ଗୋଡ ଥିବା ପରି ଲାଗେ। ବାପା ଜାକାନାର ଛୁଆଙ୍କୁ ବିପଦରୁ ସୁରକ୍ଷା ଦେବାର ଏହି ଦୃଶ୍ୟ ବେଶ୍ ହୃଦୟସ୍ପର୍ଶୀ ହୋଇଥାଏ।

## କାର୍ଟୁନ କର୍ଣ୍ଣର



# ପ୍ରଦୀପଙ୍କ ଶିବ ଓ ସାବିତ୍ରୀ

ପ୍ରଦୀପ ବେହେରା ଏକାଧାରରେ ଜଣେ ନାଟ୍ୟକାର ଆଉ ନିର୍ଦ୍ଦେଶକ। ଚଳିତବର୍ଷ ଖଣ୍ଡଗିରି ଯାତ୍ରା ମହାକୁମ୍ଭରେ ତାଙ୍କ ରଚିତ ତଥା ନିର୍ଦ୍ଦେଶିତ ନାଟକଗୁଡ଼ିକ ଚର୍ଚ୍ଚାରେ ରହିବ ବୋଲି ଦର୍ଶକମାନେ ମତବ୍ୟକ୍ତ କରୁଛନ୍ତି। ତାଙ୍କ ନାଟକଗୁଡ଼ିକ ମଧ୍ୟରେ ରହିଛି 'ସାବିତ୍ରୀ କରୁଛି ସ୍ୱାମୀ ନିଲାମ', 'ଲକ୍ଷେ ଶିବ ପୂଜି ପାଇଛି ତତେ', 'ଆପଣମାନେ ଖୁସି ତ' ଏବଂ 'ଲକ୍ଷେ ପୁଅ ନଷ୍ଟ ତୋରି ପାଇଁ'। ପ୍ରଥମ ତିନୋଟି ନାଟକକୁ ସେ ରଚନା କରିବା ସହିତ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଚଳିତ ଖଣ୍ଡଗିରି ଯାତ୍ରା ମେଳା ପାଇଁ ଏହି ନାଟ୍ୟକାର-ନିର୍ଦ୍ଦେଶକ ମୁଖ୍ୟତଃ 'ସାବିତ୍ରୀ କରୁଛି ସ୍ୱାମୀ ନିଲାମ' ଏବଂ 'ଲକ୍ଷେ ଶିବ ପୂଜି ପାଇଛି ତତେ'କୁ ନେଇ ଆଶାବାଦୀ ଅଛନ୍ତି। ସ୍ୱାମୀକୁ ଦେବତା ଭଳି ଭଲ ପାଉଥିବା ଜଣେ ସାବିତ୍ରୀ (ପତ୍ନୀ) ଏମିତି ଏକ ପରିସ୍ଥିତିରେ ପଡୁଛି ଯେ, ସେ ତା'ର ସ୍ୱାମୀକୁ ଆଉ ଜଣକୁ ଦେଇଦେବା ପାଇଁ ବାଧ୍ୟ ହେଉଛି। ନିଜ ଛାତିରେ ପଥର ରଖି ସେ ଅନ୍ୟମାନଙ୍କର ମଙ୍ଗଳ ପାଇଁ ଏଭଳି ଭୟଙ୍କର ତ୍ୟାଗ କରୁଛି। ଏପରି ଏକ ସମ୍ବେଦନଶୀଳ କାହାଣୀକୁ ନେଇ ରଚିତ ହୋଇଛି ନାଟକ 'ସାବିତ୍ରୀ କରୁଛି ସ୍ୱାମୀ ନିଲାମ'। ସେହିଭଳି ସ୍ୱାମୀ, ସ୍ତ୍ରୀ ଓ ପୁଅ ମଧ୍ୟରେ ରହିଥିବା ସମ୍ପର୍କର ଏକ ନିଚ୍ଛକ କାହାଣୀ ହେଉଛି 'ଲକ୍ଷେ ଶିବ ପୂଜି ପାଇଛି ତତେ'। ଶିବଙ୍କ କୃପାରୁ ସ୍ୱାମୀ ସ୍ତ୍ରୀ ପରସ୍ପରକୁ ପାଇଛନ୍ତି। ପୁଣି ଶିବଙ୍କୁ ପୂଜି ସେମାନେ ପୁଅଟିଏ ପାଇଛନ୍ତି। ହେଲେ ସେହି ପୁଅ କ'ଣ ବାପମା'ଙ୍କ ସେବା, ତ୍ୟାଗର ମୂଲ୍ୟ ବୁଝୁଛି। ଅବହେଳିତ ହୋଇ ବି କ'ଣ ସ୍ୱାମୀ ସ୍ତ୍ରୀ ପରସ୍ପରର ହାତ ଛାଡ଼ି ଦେଉଛନ୍ତି।



ଏମିତି ଅନେକ ପ୍ରଶ୍ନର ଉତ୍ତର ହେଉଛି ପ୍ରଦୀପ ବେହେରାଙ୍କ ରଚିତ ନିର୍ଦ୍ଦେଶିତ ନାଟକ 'ଲକ୍ଷେ ଶିବ ପୂଜି ପାଇଛି ତତେ'।

# 'କଂସ'କୁ ନେଇ ଆଶାବାଦୀ ବିନୋଦ

ଆଗଧାଡ଼ିର ଯାତ୍ରା ନିର୍ଦ୍ଦେଶକ ଲିଟିଲ ମାଷ୍ଟର ବିନୋଦ ରାଉତ। ତାଙ୍କ ନାଟକ ପ୍ରତି ଦର୍ଶକମାନଙ୍କର ସ୍ୱତନ୍ତ୍ର ଅପେକ୍ଷା ରହିଥାଏ। ଚଳିତବର୍ଷ ଖଣ୍ଡଗିରି ଯାତ୍ରା ମହାକୁମ୍ଭରେ ବିନୋଦ ରାଉତଙ୍କ ପ୍ରଶଂସକମାନେ ତାଙ୍କ ନିର୍ଦ୍ଦେଶିତ ନାଟକସବୁ ଦେଖିବା ପାଇଁ ଆଗ୍ରହାନ୍ୱିତ ହୋଇ ଉଠିଛନ୍ତି। ବିନୋଦ ରାଉତ କହନ୍ତି : ମୋର ତ ଅନେକ ନାଟକ ରହିଛି। ତେବେ କୋଣାର୍କ ଗଣନାଟ୍ୟ ପ୍ରଯୋଜିତ ନାଟକ 'କଂସ'କୁ ନେଇ ମୁଁ ବେଶି ଆଶାବାଦୀ ଅଛି। 'କଂସ' ନାଟକର ନାଟ୍ୟକାର ହେଉଛନ୍ତି ଅଧ୍ୟାପକ କୃଷ୍ଣଚନ୍ଦ୍ର ପାତ୍ର। ରାଜ ପରିବାରର ଗୋଟିଏ ପିଲା। ବିମାତାର ଅତ୍ୟାଚାରରେ ଅତ୍ୟାଚାରିତ ହେଉଛି। ସମୟକ୍ରମେ ସେ ତା'ର ମାନସିକ ସନ୍ତୁଳନ ହରେଇ ବସୁଛି। ଏହିପରି ଏକ ବିଷୟକୁ ନେଇ ରଚିତ ହୋଇଛି 'କଂସ'। ନାଟକ ସମ୍ପର୍କରେ ନିର୍ଦ୍ଦେଶକଙ୍କ ମନ୍ତବ୍ୟ ହେଉଛି, କଂସ ଏକ ଚରିତ୍ର ନୁହେଁ। କଂସ ଏକ ମାନସିକତା। ମୁଁ ଏହାକୁ ହିଁ ନାଟକରେ ପ୍ରତିପାଦିତ କରିବାର ଚେଷ୍ଟା କରିଛି। ସାରା ଓଡ଼ିଶାର ଦର୍ଶକମାନେ ମୋର ସବୁ ନାଟକକୁ ଯଥୋଚିତ ଭଲ ପାଇବା ଦେଇଛନ୍ତି। ଏ ନାଟକଟିକୁ ମଧ୍ୟ ଅନୁରୂପ ଶ୍ରଦ୍ଧା ମିଳିବ ବୋଲି ମୋର ବିଶ୍ୱାସ। ସୂଚନାଯୋଗ୍ୟ ଯେ, ଲିଟିଲ ମାଷ୍ଟର ବିନୋଦ ରାଉତଙ୍କ କଳାକାର ଜୀବନ ଆରମ୍ଭ ହୋଇଥିଲା ଫିଲ୍ମରୁ। ସେ ରବି କିନାଗୀଙ୍କ ମୁଖ୍ୟ ସହଯୋଗୀ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଥିଲେ। ସୁପରହିଟ୍ ଓଡ଼ିଆ ଫିଲ୍ମ 'ପରଦେଶୀ ଚଢ଼େଇ'ର ନିର୍ଦ୍ଦେଶନା ଟିମ୍‌ରେ ଭାଗ ନେଇ ସେ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। ତାଙ୍କର ପ୍ରଥମ ନାଟକ ଥିଲା 'ତାରିଣୀ ଗଣନାଟ୍ୟ'ର 'ଅସୁରମାନଙ୍କ ସହର'। ଏହି ନାଟକଟିକୁ ରଚନା କରିଥିଲେ ଅଧ୍ୟାପକ ଚିନ୍ମୟ ଦାସ। ଏହି ନାଟକର ସଫଳତା ତାଙ୍କୁ ଯାତ୍ରାପ୍ରେମରେ ବାନ୍ଧି ଦେଇଥିଲା। ଆଉ ସେ ଇନିଂସ ପରେ ଇନିଂସ ଖେଳି ଚାଲିଲେ।





# ସ୍ୱପ୍ନରୁ ମିଳିଲା ରୋମାଣ୍ଟିକ୍ ପ୍ଲଟ୍

ଲେଖକ ଏ. ମିଗୁଏଲ୍ ବୁଜିଲୋ ବେଶ କିଛି ଦିନ ଧରି ଗୋଟେ ରୋମାଣ୍ଟିକ୍ ପ୍ଲଟ୍ ଖୋଜୁଥିଲେ। ଉଦ୍ଦେଶ୍ୟ ଥିଲା ତାହାକୁ ନେଇ ସେ ଏକ ନଭେଲ ଲେଖିବେ। ମାତ୍ର କୌଣସି ପ୍ରକାର ଆଇଡିଆ ତାଙ୍କ ମୁଣ୍ଡକୁ ପଶୁ ନ ଥିଲା। ସେ ଭାବୁଥିଲେ ବୋଧହୁଏ ନଭେଲ ଲେଖିବା ସମ୍ଭବ ହେବନି। ହେଲେ ଦିନେ ସେ ଶୋଇଥିବା ବେଳେ ଏକ ରୋମାଣ୍ଟିକ୍ ସ୍ୱପ୍ନ ଦେଖିଲେ। ଦୁଇଜଣ ଉଚ୍ଚାଭିଳାସୀ ଯୁବକ ଯୁବତୀ। ସେମାନେ ଏକ ଅଚିହ୍ନା ଜାଗାରେ ପରସ୍ପରକୁ ଭେଟୁଛନ୍ତି। ଆଉ ତାଙ୍କ ଭିତରେ ପ୍ରେମ ହେଉଛି। ଏହି ସ୍ୱପ୍ନ ତାଙ୍କୁ ଏକ ରୋମାଣ୍ଟିକ୍ ପ୍ଲଟ୍ ଆଣିଦେଲା। ଆଉ ସେ ତାହାକୁ ଭିତ୍ତିକରି ଆରମ୍ଭ କରିଥିଲେ ଉପନ୍ୟାସ 'ଇନ୍ ଏ ଡ୍ରିମ୍ : ଏ ପର୍ସନାଲ ଫାଣ୍ଟାସୀ'। ଏହି ପୁସ୍ତକର ଅନାବରଣ ଉତ୍ସବରେ ମିଗୁଏଲ୍ କହିଥିଲେ ଯେ, ପୂର୍ବରୁ ସ୍ୱପ୍ନକୁ ନେଇ ସେ ଯାହା ଶୁଣିଥିଲେ ସେସବୁ ମିଛ। ଲୋକମାନେ ବିଶ୍ୱାସ କରୁଥିଲେ ଯେ, ଦେବତାମାନେ ହିଁ ରାତିରେ ସ୍ୱପ୍ନ ଦେଖାନ୍ତି। ଭଲମନ୍ଦ ଭବିଷ୍ୟବାଣୀ କରନ୍ତି। ମାତ୍ର ବସ୍ତୁତଃକଥା ହେଉଛି ଏଇଆ ଯେ, କେବଳ ଗଭୀର ଚିନ୍ତା ହିଁ ହେଉଛି ସ୍ୱପ୍ନର ସୃଷ୍ଟିକର୍ତ୍ତା। ତାହା ସୁଚିନ୍ତା ହେଉ କି ଦୁଶ୍ଚିନ୍ତା। ମୋ ଭିତରେ ଏକ ରୋମାଣ୍ଟିକ୍ ଚିନ୍ତା ରହିଥିଲା ; ଯାହା ସ୍ୱପ୍ନ ଆକାରରେ ପ୍ରକଟିତ ହେଲା। ସ୍ୱପ୍ନର ସର୍ବପ୍ରଥମ ଆଧୁନିକ ବ୍ୟାଖ୍ୟାକାର ସିଗ୍‌ମଣ୍ଡ ଫ୍ରଏଡ୍ ମଧ୍ୟ ଠିକ୍ ଏଇକଥା କହିଛନ୍ତି। ଜଣେ ବ୍ୟକ୍ତି ସୁଚିନ୍ତା ଦ୍ୱାରା ଭଲ ସ୍ୱପ୍ନ ଏବଂ ଦୁଶ୍ଚିନ୍ତା ଦ୍ୱାରା ଖରାପ ସ୍ୱପ୍ନ ଦେଖିଥାଏ। ଗବେଷକମାନଙ୍କ ମତରେ, ଜଣେ ସୁସ୍ଥ ମଣିଷ ଯିଏ ଶୋଇବା ବେଳେ କୌଣସି ଚିନ୍ତା କରେନାହିଁ ସେ କେବେହେଲେ ସ୍ୱପ୍ନ ଦେଖେନାହିଁ।

# ନିଜକୁ ନିଜେ କ୍ଲୋନିଂ କରୁଥିବା ପ୍ରାଣୀ

ଏହି ଜଳଜ ପ୍ରାଣୀଟି ଦେଖିବାକୁ ଗୋଟିଏ ପ୍ରକାର ଚିଙ୍ଗୁଡ଼ି ଭଳି। ତେବେ ପ୍ରାଣୀବିଜ୍ଞାନୀମାନେ ଏହାକୁ ଠିକ୍‌ଭାବରେ ଚିଙ୍ଗୁଡ଼ି ବୋଲି ଗ୍ରହଣ କରନ୍ତି ନାହିଁ। ଏହାର ପ୍ରାଣୀ ବୈଜ୍ଞାନିକ ନାମ ହେଉଛି କ୍ରାଏଫିଶ୍। ଏହାକୁ ପ୍ରକୃତିର ଏକ ବିସ୍ମୟ ବା ୱଣ୍ଡର ବୋଲି କୁହାଯାଇଥାଏ। ଏହାର ଶାରୀରିକ ଗଠନ, ଜୀବନଧାରଣ ଶୈଳୀ, ପ୍ରଜନନ ତଥା ବଂଶ ବିସ୍ତାରର ବୈଚିତ୍ର୍ୟ ହେତୁ ଏହାକୁ ଏକ ବିସ୍ମୟ ପ୍ରାଣୀ ବୋଲି ମଧ୍ୟ କୁହାଯାଇଥାଏ। ଏହାର ଗୁଣସୂତ୍ରର ସଂରଚନା ଠିକ୍ ମଣିଷର ଗୁଣସୂତ୍ର ସଂରଚନା ପରି। ଏହାସତ୍ତ୍ୱେ କିଛି ବିଭେଦ ଏହି କ୍ରାଏଫିଶ୍‌କୁ ସମସ୍ତଙ୍କ ଠାରୁ ଭିନ୍ନ କରିଛି। ଏହାର ଗୁଣସୂତ୍ର ବା କ୍ରୋମୋଜମ୍‌ର ସଂରଚନା ସିନା ମଣିଷର କ୍ରୋମୋଜମ ଭଳି। ହେଲେ ଏସବୁର କାର୍ଯ୍ୟ ଯଥେଷ୍ଟ ଭିନ୍ନ। କ୍ରାଏଫିଶ୍ ଏକାକୀ ଭାବରେ ତା'ର ଗୁଣସୂତ୍ରକୁ ବିଭାଜିତ କରିପାରିଥାଏ। ପୁଣି ଏହା ଶହ ଶହ ସଂଖ୍ୟାରେ ଏହାର କ୍ରୋମୋଜମକୁ ବିଭାଜିତ କରିବାର କ୍ଷମତା ରଖିଥାଏ। ସେଥିଲାଗି ଏହା ନିଜକୁ ନିଜେ ବିଭାଜିତ ହୋଇପାରେ। ସରଳ ଭାଷାରେ କହିଲେ, ଏହାର ପ୍ରଜନନ ନିମନ୍ତେ ଏହି ପ୍ରାଣୀଟି କୌଣସି ପୁରୁଷ ପ୍ରାଣୀର ଆବଶ୍ୟକ କରେନାହିଁ। ନିଜେ ହିଁ ନିଜର କ୍ଲୋନିଂ କରିଦେଇପାରେ। ଖାସ୍ ଏହି କାରଣ ପାଇଁ ପ୍ରାଣୀଟିକୁ ଏକ ବିସ୍ମୟ ପ୍ରାଣୀ ବୋଲି କୁହାଯାଇଛି। କ୍ରାଏଫିଶ୍‌କୁ ମଧ୍ୟ ଆକ୍ୱାରିଅମ୍‌ରେ ରଖାଯାଇଥାଏ।




ବ୍ୟାକ୍ ପେଜ୍



# ସବୁଠୁ ବଡ଼ ହାତ ତିଆରି ବହି

ଖଟରେ ଶୋଇ ବହି ପଢ଼ିବା ଅଭ୍ୟାସ ଅନେକଙ୍କର ଥାଏ। ତେବେ ଆମେ ଏଠି ଯେଉଁ ବହି କଥା କହୁଛୁ ତା'ର ପୃଷ୍ଠା ଓଲଟାଇବା ପାଇଁ ଆବଶ୍ୟକ ୬ ଜଣ ବ୍ୟକ୍ତି । ତେଣୁ ଆରାମରେ ଶୋଇ ହାତରେ ବହି ଧରି ପଢ଼ିବା ଅସମ୍ଭବ। କାରଣ ଏ ହେଉଛି ପୃଥିବୀର ସବୁଠୁ ବଡ଼ ହାତ ତିଆରି ବହି, ଯାହାର ଓଜନ ୧.୪ ଟନ୍। ଦୈର୍ଘ୍ୟ ୪.୧୮ ମିଟର, ପ୍ରସ୍ଥ ୩.୭୭ ମିଟର ଏବଂ ଏଥିରେ ୩୪୬ ପୃଷ୍ଠା ରହିଛି। ଉତ୍ତର ହଙ୍ଗେରୀର ସିନପେଟ୍ରୀ ଗାଁରେ ଅଛି ଏହି ପୁସ୍ତକ। ପୁସ୍ତକଟିରେ ସ୍ଥାନୀୟ ବୃକ୍ଷଲତା, ପ୍ରାଣୀ ସମ୍ପଦ ଆଦି ସମ୍ପର୍କରେ ତଥ୍ୟ ରହିଛି। ଏହାର ମଲାଟଟିକୁ ୧୩ଟି ଆର୍ଜେଣ୍ଟିନୀୟ ଗାଈର ଚମଡାରେ ତିଆରି ହୋଇଛି। ପାରମ୍ପରିକ କାଗଜ ତିଆରି କଳାରେ ପାରଙ୍ଗମ ବାପା ପୁଅ ବେଲା ଭର୍ଗା ଓ କାବୋର୍ ଭର୍ଗା ଏହି ପୁସ୍ତକକୁ ତିଆରି କରିଛନ୍ତି। ଏଥିରେ ପାରମ୍ପରିକ ପୁସ୍ତକ ବାନ୍ଧିବା ପଦ୍ଧତି ବ୍ୟବହାର କରାଯାଇଛି। ଏଥିରେ ବ୍ୟବହୃତ କାଗଜକୁ ଅଷ୍ଟ୍ରିଆର ପେପର୍ ମିଲ୍‌ରୁ ଅଣାଯାଇଛି। ଆଉ ପ୍ରିଣ୍ଟ କରାଯାଇଛି ବିଲବୋର୍ଡ ବିଜ୍ଞାପନ ପ୍ରିଣ୍ଟ କରାଯାଉଥିବା ବଡ଼ ଇଣ୍ଡଷ୍ଟ୍ରିଆଲ ପ୍ରିଣ୍ଟରରେ।











# ବଡ଼ ଟେଡି ବିୟର

ଟେଡି ବିୟର ସମସ୍ତଙ୍କର ପସନ୍ଦ। ଛୋଟ ପିଲା ତ ଏହାକୁ ଦଣ୍ଡେ ଛାଡି ରହି ପାରନ୍ତି ନାହିଁ। ଏମିତିକି ଧରିକି ବି ଶୋଇଥାଆନ୍ତି। ହେଲେ ମେକ୍ସିକୋରେ ଏମିତି ଏକ ଟେଡି ବିୟର୍ ତିଆରି କରାଯାଇଥିଲା ଯାହାକୁ ଧରି ଖେଳିବା ଅସମ୍ଭବ। କାରଣ ଏହା ହେଉଛି ପୃଥିବୀର ସବୁଠାରୁ ବଡ଼ ଟେଡି ବିୟର୍। ଜୋନାକାଟଲାନ୍ ସହରସ୍ଥ ଷ୍ଟାଡିୟମ୍‌ରେ ଏହାକୁ ପ୍ରଦର୍ଶିତ କରାଯାଇଥିଲା। ମେକ୍ସିକୋରେ ଶିଶୁ ଦିବସକୁ ପ୍ରମୋଟ କରିବା ଲାଗି ଏହାକୁ ତିଆରି କରାଯାଇଥିଲା। ଏହାର ଲମ୍ବ ୬୩ ଫୁଟ ୮ ଇଞ୍ଚ ଅଟେ।







# ଏଇ ତ ପ୍ରେମ

ସତରେ ପ୍ରେମ ଶାଶ୍ୱତ। କେତେବେଳେ କିଏ ମନରେ ଘର କରିଯାଏ ତାହା କହି ହୁଏନା। ଏଥିରେ ଜାତି, ରଙ୍ଗ, ରୂପ ବି ଦେଖାଯାଏନା। ଠିକ୍ ଯେମିତି ଆରିଜୋନାର ସୁନ୍ଦରୀ ମିଣ୍ଡି ନିସ୍ ପ୍ରେମ କରି ବିବାହ କରିଛନ୍ତି ୨ ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ସିନ୍ ଷ୍ଟିଫେନସନ୍‌ଙ୍କୁ। ଯିଏକି ଅଷ୍ଟିଓଜେନେସିସ୍ ଇମ୍‌ପରଫେକ୍ଟା ନାମକ ରୋଗରେ ଆକ୍ରାନ୍ତ। ଏହି ରୋଗ ପାଇଁ ତାଙ୍କ ଶରୀରର ଉଚ୍ଚତା ବୃଦ୍ଧି ହୋଇପାରିନାହିଁ। ତାଙ୍କ ହାଡ ବହୁତ ଦୁର୍ବଳ, ତେଣୁ ସହଜରେ ତାହା ଭାଙ୍ଗିଯାଏ। ୧୮ ବର୍ଷ ବୟସ ସୁଦ୍ଧା ତାଙ୍କର ୨୦୦ ହାଡ ଭାଙ୍ଗି ସାରିଥିଲା। ଏବେ ସେ ହ୍ୱିଲ ଚେୟାର୍‌ରେ ଜୀବନ ବିତାଉଛନ୍ତି ଓ ଜଣେ ମୋଟିଭେଶନାଲ ସ୍ପିକର୍ ଭାବେ କାମ କରନ୍ତି। ଧନସମ୍ପତ୍ତିର ଅଭାବ ନାହିଁ ତାଙ୍କ ପାଖରେ। ମିଣ୍ଡି ଓ ସିନ୍‌ଙ୍କର ଦେଖା ୨୦୦୯ରେ ଏକ ସାଙ୍ଗ ଜରିଆରେ ହୋଇଥିଲା। ପ୍ରଥମ ଦେଖାରେ ଦୁହିଁଙ୍କର ପ୍ରେମ ହୋଇଥିଲା। ଏହି ସମ୍ପର୍କକୁ ନେଇ ବହୁ ଲୋକ ବହୁ କଥା କହିଥିଲେ। ଅନେକେ କହିଲେ ମିଣ୍ଡି ସିନ୍‌ଙ୍କୁ ନୁହେଁ ତାଙ୍କ ସମ୍ପତ୍ତିକୁ ଭଲ ପାଆନ୍ତି। କିନ୍ତୁ ଏହା ତାଙ୍କ ସମ୍ପର୍କରେ ଫାଟ ସୃଷ୍ଟି କରିପାରି ନ ଥିଲା। ୨୦୧୨ ସେପ୍ଟେମ୍ବର ୧୪ରେ ସେମାନେ ବିବାହ କଲେ। ଅନେକେ କହନ୍ତି ଦୁହିଁଙ୍କ ମଧ୍ୟରେ ଦାମ୍ପତ୍ୟ ସମ୍ପର୍କ ସ୍ୱାଭାବିକ ହୋଇ ନ ଥିବ। କିନ୍ତୁ ମିଣ୍ଡି କହନ୍ତି, 'ସିନ୍ ଭିନ୍ନକ୍ଷମ ହୋଇଥିଲେ ହେଁ ଶାରୀରିକ ସମ୍ପର୍କ କ୍ଷେତ୍ରରେ ଅନ୍ୟ ପୁରୁଷଙ୍କଠାରୁ କମ୍ ନୁହନ୍ତି।' ଏବେ ଏହି ଦମ୍ପତି ଆରିଜୋନାର ସ୍କଟ୍ସଡେଲ୍‌ରେ ସୁଖୀ ଜୀବନ ବିତାଉଛନ୍ତି।